

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୩ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 October 2026
Vol.No. 36 ■ No.269 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା





# ସିଇସିଙ୍କ ବିରୋଧରେ ଦିଲ୍ଲୀରେ ଇଣ୍ଡି ମେଣ୍ଟର ମହାଗର୍ଜନ: ସୁପ୍ରିମକୋର୍ଟରେ ପିଟିସନ ଦାୟର

ନୂଆଦିଲ୍ଲୀ,୧୨/୧୦ : ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବିରେ ଦିଲ୍ଲୀ ରାଜରାସ୍ତାରେ ବିରୋଧୀଙ୍କ ପ୍ରଚଣ୍ଡ ବିସ୍ଫୋରଣ! ସିଧାସଳଖ ସୁପ୍ରିମକୋର୍ଟ ଅଭିମୁଖେ ମାଡ଼ିଚାଲିଲେ ହଜାର ହଜାର ନେତା ଓ କର୍ମୀ। ରାଜଧାନୀ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଏକ ବିରାଟ ଶକ୍ତିପ୍ରଦର୍ଶନ କରିଛି 'ଇଣ୍ଡି' ମେଣ୍ଟ । 'ଚଲୋ ଦିଲ୍ଲୀ-ଗଣତନ୍ତ୍ର ପାଇଁ ପଦଯାତ୍ରା' ମାଧ୍ୟମରେ ସାରା ଦେଶର ରାଜନୈତିକ ମହଲରେ ଭୂକମ୍ପ ସୃଷ୍ଟି ହୋଇଛି । ଗଣତନ୍ତ୍ର ଓ ନିର୍ବାଚନର ସ୍ୱଚ୍ଛତା ରକ୍ଷା ନାଁରେ ବିରୋଧୀ ଦଳ ଏକାଠି ହୋଇ ସରକାର ଏବଂ ନିର୍ବାଚନ ଆୟୋଗଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି । ବାରାଖମ୍ବାରୁ ସୁପ୍ରିମକୋର୍ଟ



ଅଭିମୁଖେ ବାହାରିଥିବା ଏହି ବିଶାଳ ପଦଯାତ୍ରାର ନେତୃତ୍ୱ ନେଇଥିଲେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ । ଏଥିରେ ଅଖିଳେଶ ଯାଦବ, ତେଜସ୍ୱୀ ଯାଦବ, ରେବନ୍ତ ରେଡ୍ଡି, ଡି.କେ. ଶିବକୁମାର ଓ ମମତା ବାନାର୍ଜୀଙ୍କ ସମେତ ମେଣ୍ଟର ବହୁ ଶୀର୍ଷ ନେତା ଓ ହଜାର ହଜାର କର୍ମୀ ସାମିଲ ହୋଇଥିଲେ । ବିକ୍ଷୋଭ ବେଳେ କେତେକ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ କର୍ମୀମାନେ ବ୍ୟାରିକେଡ୍ ଉପରେ ଚଢ଼ି ଜୋରଦାର ନାରାବାଜି କରିଥିଲେ । ରାହୁଲ ନିଜେ କୋର୍ଟରେ ପହଞ୍ଚିବା ଯୋଜନା ଥିଲେ ବି ସମୟାଭାବରୁ ତାଙ୍କ ଲିଗାଲ୍ ଟିମ୍ ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଛି । ସର୍ବୋଚ୍ଚ ନ୍ୟାୟାଳୟ ଏହି ସମ୍ପର୍କିତ ସମସ୍ତ ଯାଚିକାର ମିଳିତ ଶୁଣାଣି ଆସନ୍ତା ଅକ୍ଟୋବର ୨୭ରେ କରିବେ । କେନ୍ଦ୍ର ସରକାର ଜାଣିଶୁଣି ସିଇସି ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ । ତାଙ୍କୁ ତୁରନ୍ତ ପଦରୁ ନହଟାଇବା ଯାଏଁ ଏହି ଲଢ଼େଇ ଜାରି ରହିବ ବୋଲି ମେଣ୍ଟ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି । ଅନ୍ୟପଟେ କଂଗ୍ରେସ ତଥା ଇଣ୍ଡି ମେଣ୍ଟକୁ କଡ଼ା ଭାଷାରେ ଜବାବ ଦେଇଛି ବିଜେପି । ବିଜେପି ସାଂସଦ ଅନୁରାଗ ଠାକୁର କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ପାଖରେ ନା ଅଛି କୌଣସି ତଥ୍ୟ, ନା ଅଛି ଯୁକ୍ତି; କେବଳ ଦେଶରେ ଅରାଜକତା ଓ ଅସ୍ଥିରତା ସୃଷ୍ଟି କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ । ଆଜି ଦିଲ୍ଲୀ ରାଜରାସ୍ତାରେ କେବଳ ଇଣ୍ଡି ମେଣ୍ଟ ନୁହେଁ, ବରଂ

◆◆ପୃଷ୍ଠା ୭

# ବଦଳିଲେ ଓଡ଼ିଶାର ରାଜ୍ୟପାଳ: ବ୍ରଜ ମୋହନ ରାମଙ୍କୁ ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ବଦଳିଲେ ଓଡ଼ିଶାର ରାଜ୍ୟପାଳ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସ୍ଥାନରେ ବ୍ରଜ ମୋହନ ରାମଙ୍କୁ ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟପାଳ ନିଯୁକ୍ତି ନେଇ ମୋହର ମାରିଛନ୍ତି । ବ୍ରଜ ମୋହନ ରାମ ବିଜେପି ସହ ଜଡ଼ିତ ଜଣେ ଅଭିଜ୍ଞ ରାଜନେତା। ସେ ୧୯୯୬, ୧୯୯୮ ଓ ୧୯୯୯ ମସିହାରେ ଲଗାତାର ତିନିଥର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସେତେବେଳେ ସେ ଅବିଭକ୍ତ ବିହାରର ପଲାମୁ ଲୋକସଭା ଆସନର ପ୍ରତିନିଧିତ୍ୱ କରୁଥିଲେ । ଯାହା ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବା ପରେ ତା ଅଧୀନକୁ ଆସିଥିଲା । ଜାତୀୟ ରାଜନୀତିକୁ ଆସିବା ପୂର୍ବରୁ ସେ ୧୯୯୧ରୁ ୧୯୯୫ ପର୍ଯ୍ୟନ୍ତ ବିହାର ବିଧାନସଭାର ସଦସ୍ୟ ଥିଲେ । ସେ ଝାଡ଼ଖଣ୍ଡରେ ବିଜେପିର ଅନୁସୂଚିତ ଜାତି (ଏସ୍?ସି) ମୋର୍ଚ୍ଚାର ରାଜ୍ୟ ପ୍ରଭାରୀ ଭଳି ଗୁରୁତ୍ୱପୂର୍ଣ୍ଣ



ସାଂଗଠନିକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । ତେବେ କେବଳ ଓଡ଼ିଶା ନୁହେଁ, ଅନ୍ୟ କିଛି ରାଜ୍ୟର ରାଜ୍ୟପାଳ ପଦରେ ମଧ୍ୟ ପରିବର୍ତ୍ତନ ହୋଇଛି । ସିକ୍କିମର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳମର ରାଜ୍ୟପାଳ ଏବଂ କେରଳମର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ଉଲ୍ଲେଖ ରହିଛି । ଏଥିସହ ଡକ୍ଟର ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଡକ୍ଟର ଢାଲ ସିଂହ ବିସେନଙ୍କୁ ଉତ୍ତରାଖଣ୍ଡ ଏବଂ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି । ରାଜ୍ୟପାଳଙ୍କ ନିଯୁକ୍ତି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୫୫ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା କରାଯାଇଥାଏ ।

# କଲେଜ ନିର୍ବାଚନକୁ ଆଉ ୨ ଦିନ: କ୍ଲାସରୁମ୍‌ରେ ପ୍ରଚାର, କ୍ୟାମ୍ପସରେ ଉତ୍ତେଜନା

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନକୁ ଆଉ ମାତ୍ର ଦୁଇ ଦିନ ବାକି ଥିବାବେଳେ କଲେଜ କ୍ୟାମ୍ପସରେ ଫୁଟୁଛି ବୋମା, ମୁହାଁମୁହିଁ ହେଉଛନ୍ତି ଛାତ୍ରଗୋଷ୍ଠୀ! ଗୋଟିଏ ପଟେ ଭୋଟ୍ ହାତେଇବାକୁ କ୍ଲାସରୁମ୍‌ରୁ ହଷ୍ଟେଲ୍ ଯାଏଁ ଛୁଟୁଛି ଉପହାର ଓ ପ୍ରତିଶ୍ରୁତିର ବନ୍ୟା, ଅନ୍ୟପଟେ ନିର୍ବାଚନ ବାତିଲ ଓ ନାମାଙ୍କନ ନାକଚକୁ ନେଇ କମ୍ପୁଛି ଶିକ୍ଷାନୁଷ୍ଠାନ! ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ପ୍ରମୁଖ କଲେଜଗୁଡ଼ିକରେ ଲାଗି



ରହିଥିବା ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଏବେ ପ୍ରଶାସନର ନିଦ ହଜାଇ ଦେଇଛି । ଶାନ୍ତିଶୃଙ୍ଖଳା ବଜାୟ ରଖି ନିର୍ବାଚନ ପରିଚାଳନା କରିବା ଏବେ ସରକାରଙ୍କ ପାଇଁ ଏକ ଅଗ୍ନିପରୀକ୍ଷା ପାଲଟିଛି । ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବା ପରେ ନିର୍ବାଚନୀ ପ୍ରଚାର ଚରମ ସୀମାରେ ପହଞ୍ଚିଛି । ଛୁଟିଦିନରେ ଡୋର୍-ଟୁ-ଡୋର୍ କ୍ୟାମ୍ପେନିଂ ସାରିବା

◆◆ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଏବିଇଓ



ଯାଜପୁର, ୧୨/୧୦ (ନି.ପ୍ର): ଯାଜପୁର ଧର୍ମଶାଳାର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବା ଏବିଇଓ ଜୟଦେବ ଜେନାଙ୍କ ସମ୍ପତ୍ତି ଦେଖି ସମସ୍ତେ ଟେରା। ବାବୁଙ୍କ ଠାରୁ ମିଳିଛି ଅମାପ ସମ୍ପତ୍ତି। ସୁନା ଅଳଙ୍କାର, ରୁପା ଥାଳି, ସୌକିନ ଗ୍ଲାସ ସହ ଭିଜିଲାନ୍ସ ରେଡ ବେଳେ ମିଳିଛି ଏକାଧିକ ପ୍ଲଟ ଓ ଫ୍ଲାଟ। ବର୍ତ୍ତମାନ ସୁଦ୍ଧା ହୋଇଥିବା ରେଡ୍‌ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରୀ ଜେନାଙ୍କର ୧୯ଟି ମୂଲ୍ୟବାନ ପ୍ଲଟକୁ ଭିଜିଲାନ୍ସ ଟିମ ଠାବ କରିପାରିଛି। ଏଥିସହ ଭୁବନେଶ୍ୱରର ପାତ୍ରପଡ଼ାରେ ଥିବା ଗୋଟିଏ

◆◆ପୃଷ୍ଠା ୭

# ପୁରୀର କାୟାକଳ୍ପ ପାଇଁ ମାଷ୍ଟରପ୍ଲାନ୍ : ବିମାନବନ୍ଦର, ମନ୍ଦିର, ବେଳାଭୂମି ଓ ରାସ୍ତା ଉନ୍ନତିକୁ ଗୁରୁତ୍ୱ



ଭୁବନେଶ୍ୱର, ୧୨/୧୦ (ନି.ପ୍ର): ଲୋକସେବା ଭବନଠାରେ ଆଜି (ସୋମବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟ, ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

◆◆ପୃଷ୍ଠା ୭

# ସରକାର୍ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବେନି: ମନମୋହନ ସାମଲ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ସିଜେପି ଆନ୍ଦୋଳନ ଓ ପୋଲିସ ଆକ୍ସନ ପ୍ରସଙ୍ଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ସରକାର୍ ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବେନି । ଗଣତନ୍ତ୍ରରେ ଶୃଙ୍ଖଳା ଓ ମର୍ଯ୍ୟାଦା ଭିତରେ ରହି ଆନ୍ଦୋଳନ କରିବା କଥା। ବିଜେପି ସର୍ବାଧିକ ସମୟ ବିରୋଧୀ ଦଳରେ ରହିଛି। ଦାୟିତ୍ୱ ସମ୍ପନ୍ନ ଭାବେ କାର୍ଯ୍ୟ କରିଛି। ବିରୋଧୀ ଦଳରେ ରହିଲେ ଧାର୍ଯ୍ୟ ଓ ମାନସିକ ସ୍ତରରେ ପ୍ରସ୍ତୁତି ଦରକାର। ବିରୋଧୀ ଦଳରେ ସମସ୍ତେ ରହିପାରିବେନି। ରାଜନୀତିକ ବିଚାରଧାରା, ନୈତିକତା, ଦାୟିତ୍ୱବୋଧ ରହିବା ଆବଶ୍ୟକ।

# ପ୍ରଦର୍ଶନ ସ୍ଥଳ ତାଲିକାରୁ ଜନ୍ତରମନ୍ତର ବାଦ୍: ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ

ନୂଆଦିଲ୍ଲୀ,୧୨/୧୦ : ଦିଲ୍ଲୀର ଜନ୍ତରମନ୍ତରକୁ ପ୍ରତିବାଦ ଓ ଧାରଣା ପ୍ରଦର୍ଶନ ସ୍ଥଳ ତାଲିକାରୁ ବାଦ୍ ଦିଆଯିବା ମାମଲା ଏବେ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛି। ଏହି ମାମଲାରେ ମଙ୍ଗଳବାର ଶୁଣାଣି ହେବ। ଏଥିସହ ଗତ ୧୦ ଅକ୍ଟୋବରରେ ପ୍ରଦର୍ଶନ ସମୟରେ କିଛି ବାହାର ଲୋକ ପଶି ଆନ୍ଦୋଳନକାରୀଙ୍କୁ ହଇରାଣ କରିବା ଓ ଆକ୍ରମଣ କରିବା ଅଭିଯୋଗ ସମ୍ପର୍କିତ ଅନ୍ୟ ଏକ ଆବେଦନର ମଧ୍ୟ ଶୁଣାଣି ହେବ। ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍ଏସ୍‌ୟୁଆଇ)ର ଅଧ୍ୟକ୍ଷ ବିନୋଦ ଜାଖଡ଼ ଏହି ମାମଲାରେ ଆବେଦନ କରିଛନ୍ତି।



ଅକ୍ଟୋବର ୧୦ ତାରିଖରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରୁଥିବା ସାଧାରଣ ଆନ୍ଦୋଳନକାରୀଙ୍କ ଉପରେ ଦିନଦ୍ୱିପ୍ରହରରେ ହୋଇଥିବା ଆକ୍ରମଣର ନିରପେକ୍ଷ, ସ୍ୱାଧୀନ ଓ ସମୟବଦ୍ଧ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ସାଦା ପୋଷାକରେ ଥିବା କିଛି ଅସାମାଜିକ ବ୍ୟକ୍ତି ପ୍ରଦର୍ଶନକାରୀଙ୍କୁ ମାଡ଼ ମାରୁଥିବାର ଭିଡିଓ ଥିବା ମଧ୍ୟ ଆବେଦନରେ ଦାବି କରାଯାଇଛି। ସୋମବାର ଜନ୍ତରମନ୍ତର ସମ୍ପର୍କିତ ଆବେଦନର ତୁରନ୍ତ ଶୁଣାଣି ପାଇଁ ଦାବି କରାଯାଇଥିଲା। ତେବେ ଏହି ମାମଲାକୁ ସୁପ୍ରିମକୋର୍ଟ ମଧ୍ୟ ଦେଖୁଥିବା ଦର୍ଶାଇ ହାଇକୋର୍ଟ କହିଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟ

◆◆ପୃଷ୍ଠା ୭

# ଅର୍ଥନୀତିରେ ନୋବେଲ ପୁରସ୍କାର ଘୋଷଣା: ରବର୍ଟ ହଲ୍ ଓ ମାଇକେଲ୍ ଉଡଫୋର୍ଡଙ୍କୁ ମିଳିବ ବିଶ୍ୱର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ,୧୨/୧୦ : ୨୦୨୬ ବର୍ଷ ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଚଳିତବର୍ଷ ଆମେରିକାର ଦୁଇ ପ୍ରସିଦ୍ଧ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଏବଂ ମାଇକେଲ୍ ଉଡଫୋର୍ଡଙ୍କୁ ମିଳିତ ଭାବେ ଏହି ସମ୍ମାନ ପାଇଁ ମନୋନୀତ କରାଯାଇଛି।



ଅର୍ଥନୈତିକ ସ୍ଥିରତା ରକ୍ଷା କରିବା ଦିଗରେ ସେମାନଙ୍କ ଉଲ୍ଲେଖନୀୟ ଗବେଷଣା ପାଇଁ ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ବିଶ୍ୱର ବିଭିନ୍ନ ଦେଶ ମୁଦ୍ରାସ୍ଫୀତି, ଆର୍ଥିକ ମାନ୍ଦାବସ୍ଥା ଏବଂ ଅର୍ଥନୈତିକ ଅନିଶ୍ଚିତତାର ସମ୍ମୁଖୀନ ହେଉଥିବା ବେଳେ ଏହି ଦୁଇ ଅର୍ଥନୀତିଜ୍ଞଙ୍କ ଗବେଷଣା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଉଭୟଙ୍କ ଗବେଷଣା ମୁଖ୍ୟତଃ ବୃହତ୍ ଅର୍ଥନୀତିର ସ୍ଥିରତା ଏବଂ ଏହାର ସୂକ୍ଷ୍ମ ଅର୍ଥନୈତିକ ଭିତ୍ତିଭୂମି ଉପରେ ଆଧାରିତ।

◆◆ପୃଷ୍ଠା ୭


ସାଗରିକା




ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଓ ସାରସ୍ୱତ ସମାରୋହ- ୨୦୨୬

ମହାଶୟ/ ମହାଶୟା;

ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ତଥା ସାରସ୍ୱତ ସମାରୋହ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ପାଖ) ସଭାଗୃହରେ ତା ୧୭.୧୦.୨୦୨୬ ଶନିବାର ସଂଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ।

ଆପଣ ଏହି ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ସଭାରେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଆମର ବିନମ୍ର ଅନୁରୋଧ।

ଆପଣଙ୍କ ଅପେକ୍ଷାରେ....

ସୃଷ୍ଟିଧର ପରିଡ଼ା
ମୁଖ୍ୟ ସମ୍ପାଦକ: ସାଗରିକା/ ଧ୍ୱନି ପ୍ରତିଧ୍ୱନି ବାଲେଶ୍ୱର

# ଡ୍ରୋନ୍ ଆଧାରିତ ନିରୀକ୍ଷଣରେ ଭାରତୀୟ ରେଳପଥରେ ଅଗ୍ରଣୀ ପୂର୍ବତଟ ରେଳପଥ

## ୧୧ଟି ଡ୍ରୋନ୍ ଦ୍ୱାରା ୨,୭୦୮ ରୁଟ୍ କିଲୋମିଟର ରେଳପଥ ଓ ୨୮୪ଟି ଷ୍ଟେସନରେ ନିରୀକ୍ଷଣ

ଭୁବନେଶ୍ୱର,୧୨/୧୦ (ନି.ପ୍ର): ଡ୍ରୋନ୍ ଆଧାରିତ ନିରୀକ୍ଷଣ କ୍ଷେତ୍ରରେ ପୂର୍ବ ତଟ ରେଳପଥ ଭାରତୀୟ ରେଳପଥ ମଧ୍ୟରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ବର୍ତ୍ତମାନ ଏହାର ତିନୋଟି ମଣ୍ଡଳରେ ୧୧ଟି ଡ୍ରୋନ୍ ନିୟୋଜିତ ହୋଇଥିବାବେଳେ, ମାର୍ଚ୍ଚ ୨୦୨୭ ସୁଦ୍ଧା ଏହି ସଂଖ୍ୟା ୨୨କୁ ବୃଦ୍ଧି କରିବାକୁ ଯୋଜନା ରହିଛି। ଏହି ପଦକ୍ଷେପ ରେଳପଥର ସୁରକ୍ଷା, ଯାତ୍ରୀଙ୍କ ନିରାପତ୍ତା, ଭିଡ଼ ନିୟନ୍ତ୍ରଣ ଏବଂ ରେଳ ସମ୍ପତ୍ତିର ସୁରକ୍ଷାକୁ ଅଧିକ ସୁଦୃଢ଼ କରୁଛି।

"ଡ୍ରୋଆକ୍ ଆଇ – ଅବଜରଭେସନ୍, ଡିଟେକ୍ସନ୍, ପ୍ରିଭେନସନ୍" ନାମରେ ପରିଚାଳିତ ଏହି ବ୍ୟବସ୍ଥା ରେଳ ସୁରକ୍ଷା ବଳ କୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ନଜର ରଖିବା, ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା ଏବଂ ଅପରାଧ ନିବାରଣ କରିବାରେ ସହାୟତା କରୁଛି। ଏହି ୧୧ଟି ଡ୍ରୋନ୍ ମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୪ଟି, ସମ୍ବଲପୁର ମଣ୍ଡଳରେ ୬ଟି ଏବଂ ରାୟଗଡ଼ା ମଣ୍ଡଳରେ ଗୋଟିଏ ଡ୍ରୋନ୍ ନିୟୋଜିତ ହୋଇଛି। ଏହାର ପରିଚାଳନାରେ ଡିଜିସିଏ ପ୍ରମାଣପତ୍ରପ୍ରାପ୍ତ ୧୬୦ ଜଣ ଡ୍ରୋନ୍ ପାଇଲଟ୍ ସହଯୋଗ କରୁଛନ୍ତି। ଏହି ନେଟୱର୍କ ୩୧ଟି ରେଳ ସୁରକ୍ଷା ବଳ ପୋଷ୍ଟ ଅଧୀନରେ ୨୮୪ଟି ଷ୍ଟେସନ, ୨,୭୦୮ ରୁଟ୍ କିଲୋମିଟର ଏବଂ ୬,୦୭୨ ଟ୍ରାକ୍ କିଲୋମିଟର ରେଳପଥକୁ ଆଚ୍ଛାଦିତ କରୁଛି।

୧ ଜାନୁଆରୀରୁ ୧୫ ସେପ୍ଟେମ୍ବର ୨୦୨୬ ମଧ୍ୟରେ ପୂର୍ବ ତଟ ରେଳପଥର ରେଳ ସୁରକ୍ଷା ବଳ ପକ୍ଷରୁ ମୋଟ ୩,୦୩୩ଟି ଡ୍ରୋନ୍ ଉଡ଼ାଣ (ସର୍ଟି) ପରିଚାଳନା କରାଯାଇଥିଲା। ଏଥିମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୬୮୦ଟି, ରାୟଗଡ଼ା ମଣ୍ଡଳରେ ୧,୦୨୪ଟି ଏବଂ ସମ୍ବଲପୁର ମଣ୍ଡଳରେ ୧,୩୨୯ଟି ସର୍ଟି କରାଯାଇଥିଲା। ଏଥିମଧ୍ୟରୁ ୧,୨୬୫ଟି ରେଡ୍ କୋଡେଡ୍ ସର୍ଟି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କାର୍ଯ୍ୟକଳାପ ଉପରେ କେନ୍ଦ୍ରିତ ଥିଲା। ଏହା ମଧ୍ୟରେ ବିଧ୍ୱଂସାତ୍ମକ କାର୍ଯ୍ୟ ଓ ପଥର ଫିଙ୍ଗିବା ନିବାରଣ, କେବୁଲ୍ ଚୋରି ଚିହ୍ନଟ ଏବଂ ଅଗ୍ନି ନିରାପତ୍ତା ତଦାରଖ ଆଦି ଅନ୍ତର୍ଭୁକ୍ତ ଥିଲା।

ନାଇଟ୍ ଭିଜନ୍ ଓ ଥର୍ମାଲ୍ କ୍ୟାମେରା ସହିତ ସଜ୍ଜିତ ଏହି ଡ୍ରୋନ୍‌ଗୁଡ଼ିକ ଜଙ୍ଗଲ, ପାହାଡ଼ିଆ ଅଂଚଳ, ସୁଡ଼ଙ୍ଗ (ଟନେଲ୍), ପୋଲ (ବ୍ରିଜ୍) ଏବଂ ନିର୍ଜନ ରେଳପଥ—ବିଶେଷକରି କୋରାପୁଟ–ରାୟଗଡ଼ା–କିରନ୍ଦୁଲ୍ ଲାଇନ୍‌ରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଛନ୍ତି। ଏଗୁଡ଼ିକ ରେଳ ଷ୍ଟେସନ୍, କୋଚିଂ ୟାର୍ଡ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା, ବେଆଇନ ଅନୁପ୍ରବେଶ, ଚୋରି ଏବଂ ଜବରଦଖଲ ଚିହ୍ନଟ କରିବା ସହିତ ତଦନ୍ତ ଓ ବିପର୍ଯ୍ୟୟ ପରିଚାଳନାରେ ସହାୟତା କରୁଛନ୍ତି।'

ପୁରୀରେ ରଥଯାତ୍ରା ୨୦୨୬ ସମୟରେ ଭିଡ଼ ପରିଚାଳନା କ୍ଷେତ୍ରରେ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହା ମହିଳା ଯାତ୍ରୀଙ୍କ ସୁରକ୍ଷା ପାଇଁ 'ମେରି ସହେଲୀ' ପଦକ୍ଷେପ, ସ୍ୱଚ୍ଛତା ଅଭିଯାନ, ପରିବେଶ ସୁରକ୍ଷା ଏବଂ ସମ୍ବେଦନଶୀଳ ରେଳ ସମ୍ପତ୍ତିର ନିରୀକ୍ଷଣରେ ମଧ୍ୟ ସହାୟତା କରୁଛି। ଲାଇଭ୍ ସରଭେଲାନ୍ସ (ସିଧାସଳଖ ନଜର) ଓ ଅଡିଓ ଚେତାବନୀ ମାଧ୍ୟମରେ ଅନଧିକୃତ ଭାବେ ରେଳ ଧାରଣା ଅତିକ୍ରମ କରିବା ଏବଂ ପଥରମାଡ଼ ଭଳି ଘଟଣାକୁ ରୋକିବାରେ ସାହାଯ୍ୟ କରୁଛି। ଗୋଟିଏ ଡ୍ରୋନ୍ ଟିମ୍ ପ୍ରାୟ ୮ରୁ ୧୦ କିଲୋମିଟର ରେଳପଥକୁ ପ୍ରଭାବଶାଳୀ ଭାବେ ନିରୀକ୍ଷଣ କରିପାରୁଛି। ଏହାଦ୍ୱାରା ବ୍ୟାପକ ଅଂଚଳରେ ସୁରକ୍ଷା ନିରୀକ୍ଷଣ ସମ୍ଭବ ହେବା ସହ ସୁରକ୍ଷା କର୍ମଚାରୀଙ୍କୁ ଅଧିକ ଦକ୍ଷତାର ସହ ନିୟୋଜିତ କରାଯାଇପାରୁଛି। ମାର୍ଚ୍ଚ ୨୦୨୭ ସୁଦ୍ଧା ଡ୍ରୋନ୍ ସଂଖ୍ୟା ୨୨କୁ ବୃଦ୍ଧି କରିବା ଯୋଜନା ମାଧ୍ୟମରେ ପୂର୍ବ ତଟ ରେଳପଥ ପ୍ରଯୁକ୍ତିବିଦ୍ୟା ଆଧାରିତ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ରେଳପଥର ସୁରକ୍ଷା ଓ ଯାତ୍ରୀଙ୍କ ନିରାପତ୍ତା ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି।

# ସହଯୋଗ ଫାଉଣ୍ଡେସନର ୧୫ ଦିନିଆ 'ପିତୃପକ୍ଷ ଭୋଜନ ସେବା' ସଫଳତାର ସହ ସମ୍ପନ୍ନ

ବଲାଙ୍ଗିର,୧୨/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସହଯୋଗ ଫାଉଣ୍ଡେସନ ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ପବିତ୍ର ପିତୃପକ୍ଷ ଅବସରରେ ଆୟୋଜିତ ୧୫ ଦିନିଆ 'ପିତୃପକ୍ଷ ଭୋଜନ ସେବା' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ସେପ୍ଟେମ୍ବର ୨୬ ତାରିଖରୁ ଅକ୍ଟୋବର ୧୦ ତାରିଖ ୨୦୨୬ ପର୍ଯ୍ୟନ୍ତ ବଲାଙ୍ଗୀର ସରକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଲଗାତାର ୧୫ ଦିନ ଧରି ଏହି ସେବା କାର୍ଯ୍ୟକ୍ରମ ଚାଲିଥିଲା। ଏହି ମହତ୍ କାର୍ଯ୍ୟ ମାଧ୍ୟମରେ ୭୦୦ରୁ ଅଧିକ ଅସହାୟ, ଗରିବ ଓ ଆବଶ୍ୟକତାଗ୍ରସ୍ତ ଲୋକ ଉପକୃତ ହୋଇଛନ୍ତି।

ପିତୃପକ୍ଷ ହେଉଛି ଆମ ଭାରତୀୟ ସଂସ୍କୃତିରେ ପୂର୍ବପୁରୁଷଙ୍କୁ ସ୍ମରଣ କରିବା, ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇବା ତଥା ଦାନ, ଧର୍ମ ଓ ସେବା କରିବାର ଏକ ପବିତ୍ର ଅବସର। ଏହି ସମୟରେ ଅସହାୟ ଲୋକଙ୍କୁ ଭୋଜନ କରାଇବା ଏବଂ ଗରିବ ଓ ଦୁଃଖୀ ଲୋକଙ୍କୁ ସହାୟତା କରିବାକୁ ଏକ ପୁଣ୍ୟକର୍ମ ଭାବେ ଗ୍ରହଣ କରାଯାଏ। ଏହି ଧାର୍ମିକ ଆସ୍ଥା ଓ ମାନବିକ ଭାବନାକୁ ଆଧାର କରି ସହଯୋଗ ଫାଉଣ୍ଡେସନ ପକ୍ଷରୁ ଏହି ବିଶେଷ ଭୋଜନ ସେବାର ଆୟୋଜନ କରାଯାଇଥିଲା।

ଏହି ୧୫ ଦିନିଆ ଅଭିଯାନରେ ରୋଟି, ତରକାରୀ, ବିସ୍କୁଟ, କେକ୍, ମିଠା ଓ ଫଳ ଆଦି ଖାଦ୍ୟ ସାମଗ୍ରୀ ମାଗଣାରେ ବଂଟନ କରାଯାଇଥିଲା। ବିଶେଷକରି ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟ, ଆର୍ଥିକ ଦୁର୍ବଳ ପରିବାର ଏବଂ ଅନ୍ୟାନ୍ୟ ଆବଶ୍ୟକତାଗ୍ରସ୍ତ ଲୋକଙ୍କୁ ଏହି ସେବା ଯୋଗାଇ ଦିଆଯାଇଥିଲା। ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ଅନେକ ଲୋକଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିବା କଷ୍ଟକର ହୋଇଥାଏ। ଏଭଳି ପରିସ୍ଥିତିରେ ସହଯୋଗ ଫାଉଣ୍ଡେସନର ଏହି ପଦକ୍ଷେପ ସେମାନଙ୍କ ପାଇଁ ଏକ ଆଶ୍ୱାସନା ଓ ସହାୟତାର ମାଧ୍ୟମ ପାଲଟିଥିଲା।

ସଂସ୍ଥାର ମତରେ, ପିତୃପକ୍ଷର ପ୍ରକୃତ ମହତ୍ତ୍ୱ କେବଳ ଧାର୍ମିକ ରୀତିନୀତିରେ ସୀମିତ ନୁହେଁ; ବରଂ ଆମ ପୂର୍ବପୁରୁଷଙ୍କ ସ୍ମୃତିରେ ଅସହାୟଙ୍କ ସେବା କରିବା, ଭୋକିଲାଙ୍କୁ ଅନ୍ନ ଯୋଗାଇବା ଏବଂ ଦୁଃଖୀ ମଣିଷଙ୍କ ମୁହଁରେ ହସ ଫୁଟାଇବାରେ ମଧ୍ୟ ଏହାର ପ୍ରକୃତ ସାର୍ଥକତା ରହିଛି। ଏହି ଚିନ୍ତାଧାରାକୁ ନେଇ ଅନୁଷ୍ଠାନ ପକ୍ଷରୁ ଲଗାତାର ୧୫ ଦିନ ଧରି ଭୋଜନ ସେବା ଜାରି ରଖାଯାଇଥିଲା।

ସହଯୋଗ ଫାଉଣ୍ଡେସନ ବଲାଙ୍ଗୀର ଜିଲ୍ଲାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା, ପରିବେଶ ସୁରକ୍ଷା, ମହିଳା ସଶକ୍ତୀକରଣ, ରକ୍ତଦାନ ଓ ଗରିବ ତଥା ଅସହାୟ ଲୋକଙ୍କ ସହାୟତା ଭଳି ବିଭିନ୍ନ ସାମାଜିକ କାର୍ଯ୍ୟରେ ସକ୍ରିୟ ରହିଆସିଛି। ଅନୁଷ୍ଠାନର ନିୟମିତ 'ଅନ୍ନପୂର୍ଣ୍ଣା' ଭୋଜନ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ଆବଶ୍ୟକତାଗ୍ରସ୍ତ ଲୋକଙ୍କୁ ନିୟମିତ ଭାବେ ଖାଦ୍ୟ ଯୋଗାଇ ଦିଆଯାଉଛି। ପିତୃପକ୍ଷ ଭୋଜନ ସେବା ଏହି ମାନବିକ ଓ ସାମାଜିକ ଦାୟିତ୍ୱବୋଧର ଏକ ଉଲ୍ଲେଖନୀୟ ଉଦାହରଣ।

ଏହି ୧୫ ଦିନିଆ ସେବା ଅଭିଯାନର ସଫଳ ସମାପନ ଅବସରରେ ସହଯୋଗ ଫାଉଣ୍ଡେସନ ପକ୍ଷରୁ ସମସ୍ତ ଦାତା, ସହଯୋଗୀ, ସେବାଭାବୀ ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଯାଇଛି। ସେମାନଙ୍କର ସହଯୋଗ, ଉଦାରତା ଓ ସଦିଚ୍ଛା ଯୋଗୁଁ ଏହି ମହତ୍ କାର୍ଯ୍ୟକୁ ଲଗାତାର ୧୫ ଦିନ ଧରି ସଫଳତାର ସହ ପରିଚାଳନା କରିବା ସମ୍ଭବ ହୋଇପାରିଛି।

'ମାନବ ସେବା ହିଁ ପ୍ରକୃତ ଈଶ୍ୱର ସେବା' ନୀତିକୁ ଆଧାର କରି ସହଯୋଗ ଫାଉଣ୍ଡେସନ ଆଗାମୀ ଦିନରେ ମଧ୍ୟ ସମାଜର ଗରିବ, ଅସହାୟ ଓ ଆବଶ୍ୟକତାଗ୍ରସ୍ତ ଲୋକଙ୍କ ସେବା ଜାରି ରଖିବାକୁ ସଂକଳ୍ପବଦ୍ଧ। ପିତୃପକ୍ଷ ଭୋଜନ ସେବାର ଏହି ସଫଳତା ସମାଜରେ ସେବା, ସହଯୋଗ, ଦୟା ଓ ପରୋପକାରର ଭାବନାକୁ ଆହୁରି ମଜବୁତ କରିବ ବୋଲି ଆଶା ପ୍ରକାଶ କରାଯାଇଛି।

# ବିଜୁ ଜନତା ଦଳର ସାଧାରଣ ବୈଠକ ଅନୁଷ୍ଠିତ




ବାସୁଦେବପୁର, ୧୨/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟକାଣୀଡିହି ପଞ୍ଚାୟତର ରମାକାନ୍ତ ସେବା ଫାଉଣ୍ଡେସନ କାର୍ଯ୍ୟାଳୟ ପରିସରରେ ବିଜୁ ଜନତା ଦଳର ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ବରିଷ୍ଠ ନାଗରିକ କମଳାକାନ୍ତ ସାହୁ ସଭାପତିତ୍ୱ କରିଥିଲେ। ଏହି ସଭାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ତାଙ୍କ ବକ୍ତବ୍ୟରେ କହିଥିଲେ ଆଗାମୀ ନିର୍ବାଚନରେ ଆମର ଓଡ଼ିଶାର ବିଜୁ ଜନତା ଦଳ ନିଶ୍ଚିତ କ୍ଷମତାକୁ ଆସିବ। ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସୁନ୍ଦର ଯୋଜନା ଲୋକ ମାନଙ୍କ ମଙ୍ଗଳ ପାଇଁ କରିଥିଲେ ସେ ଯୋଜନାକୁ ବର୍ତ୍ତମାନର ବିଜେପି ସରକାର ଠିକ୍ ଭାବରେ ଚଳାଇ ପାରୁ ନାହାନ୍ତି। ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁ ତାଙ୍କ ବକ୍ତବ୍ୟରେ କହିଲେ ମୋ ପଞ୍ଚାୟତର ଭାଇ ଭଉଣୀ ମାନଙ୍କ ସମସ୍ୟା ମୁଁ ନିଶ୍ଚିତ ବୁଝିବି। ସମସ୍ତ ଜନ ସାଧାରଣ ଆମ ପରିବାରର । ଯିଏ ଯେଉଁ ସମସ୍ୟା ନେଇ ମୋ ପାଖକୁ ଆସିବ ମୁଁ ଠିକ୍ ଭାବେ ସମାଧାନ କରିବାକୁ ଚେଷ୍ଟା କରିବି। ତେଣୁ ଆମେମାନେ ବିଜୁ ଜନତା ଦଳ ଛାଡ଼ି ଅନ୍ୟ କୌଣସି ଦଳକୁ ଯିବା ନାହିଁ। ଅନ୍ୟ ମାନଙ୍କ ମଧ୍ୟରେ ବିଜୁ ଜନତା ଦଳର କର୍ମୀ ଆଦିତ୍ୟ ମହାପାତ୍ର, ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ଜଗବନ୍ଧୁ ଖିଲାର, ବାଦଲ ମହାପାତ୍ର, ରଜତ ବାରିକ୍, ରମେଶ ଚନ୍ଦ୍ର ମହାଳିକ, ଗୌରାଙ୍ଗ ଚନ୍ଦ୍ର ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତେ ଏକତ୍ର ହୋଇ ବିଜୁ ଜନତା ଦଳର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ସମସ୍ତ କର୍ମୀ ମାନେ ମତ ପ୍ରକାଶ କରିଥିଲେ। ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ରତିକାନ୍ତ ପ୍ରଧାନ ଓରଫ ପିଣ୍ଟୁ ବାବୁ ଏହି ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ବହୁ ସଂଖ୍ୟାରେ ଭାଇ ଭଉଣୀ ଜନ ସାଧାରଣ ଏହି ବୈଠକରେ ଯୋଗ ଦେଇଥିଲେ।

# ସାପ ଚୋଟରେ ଯୁବକର ମୃତ୍ୟୁ

ଜୟପୁର,୧୨/୧୦ (ନି.ପ୍ର): ସାପର ଚୋଟରେ ଜଣେ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ବୋରିଗୁମ୍ମା ଥାନା ଅନ୍ତର୍ଗତ ମାଳିଡମ୍ବଗୁଡା ଗ୍ରାମର ସରୋଜ ହରିଜନ । ସୂଚନା ଅନୁଯାଇ ସରୋଜକୁ ରାତ୍ର ସମୟରେ କଙ୍ଗା ଗ୍ରାମର ରାସ୍ତା ନିକଟରେ ବିଷାକ୍ତ ସାପ ଚୋଟ ମାରିଥିଲା । ତାଙ୍କୁ ତୁରନ୍ତ ରାବଣାଗୁଡା ହସପିଟାଲରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ନେଇ ମୃତ ଯୁବକକ ବାପା ପାକୁଲୁ ହରିଜନ ଜୟପୁର ସଦର ଥାନା ରେ ଲିଖିତ ଅଭିଯୋଗ କରିଥିଲେ ।

# ଛିଣ୍ଡାନଈ ସାହିତ୍ୟ ସଂସଦର ଶୁଭ୍ରାଶ୍ରୀ ପତ୍ରିକାର ୧୭ତମ ସଂସ୍କରଣ ଉନ୍ମୋଚିତ

ଜୟପୁର,୧୨/୧୦ (ନି.ପ୍ର): ଛିଣ୍ଡାନଈ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଓ ସୃଜନଶୀଳତାର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ 'ଶୁଭ୍ରାଶ୍ରୀ' ପତ୍ରିକାର ୧୭ତମ ସଂସ୍କରଣ ଉନ୍ମୋଚନ ଅବସରରେ ଏକ ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା।

ପ୍ରଥମ ଅଧିବେଶନରେ କୃଷ୍ଣଚନ୍ଦ୍ର ହୋତା ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଡ. ସଦାଶିବ ତ୍ରିପାଠୀ ବେଦ ମନ୍ତ୍ର ଉଚ୍ଚାରଣ କରି କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରାରମ୍ଭରେ ବିଦ୍ୟୁତପ୍ରଭା ପଟ୍ଟନାୟକ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ସାହିତ୍ୟର ବଳିଷ୍ଠ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀ ଯୁଗଳ କିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ସମୟର ସାହିତ୍ୟ ଓ ସମାଜ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ଡିଆଇଇଟିର ଅଧକ୍ଷା ଶ୍ରୀମତୀ ମମତା କୁମାରୀ ଝୋଡ଼ିଆ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଡ. ସୁଧାଂଶୁ ଶେଖର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଂଚାସୀନ ହୋଇ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଓଡ଼ିଆ ଭାଷା ସୁରକ୍ଷା ପାଇଁ ବ୍ରତୀ ପାଇଁ ଆହ୍ୱାନ ଦେଇଥିଲେ। ସଂସଦର ସମ୍ପାଦକ ଶ୍ରୀ ଯୁଧିଷ୍ଠିର ମଲ୍ଲିକ କାର୍ଯ୍ୟକ୍ରମର ସମ୍ପାଦନା କରିଥିବାବେଳେ ସମ୍ପାଦକୀୟ ବିବରଣୀ ପାଠ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଆଲୋକ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ସାହିତ୍ୟ ଜଗତରେ ନିଜସ୍ୱ ଅବଦାନ ପାଇଁ କବି ଜଳଧର ସ୍ୱାଇଁ, ସୁସାହିତ୍ୟିକ ପରୀକ୍ଷିତ ସାହୁ ଏବଂ ବରିଷ୍ଠ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକମାନଙ୍କର ସୃଜନଶୀଳତା ଓ ସାହିତ୍ୟ ପ୍ରତି ଅବଦାନକୁ ସ୍ୱୀକୃତି ଦେବାରେ ଏହି ସମ୍ବର୍ଦ୍ଧନା ଏକ ଉଲ୍ଲେଖନୀୟ ପଦକ୍ଷେପ ଥିଲା।

ଦ୍ୱିତୀୟ ଅଧିବେଶନରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ଶ୍ରୀ ପ୍ରକାଶ ମହାନନ୍ଦିଆ ସଭାପତିତ୍ୱ କରିଥିବାବେଳେ ଶ୍ରୀ ଅଶୋକ ମହାରଣା ଓ ଶ୍ରୀମତୀ ବିଜୟା ପାଣିଗ୍ରାହୀ କବିତା ପାଠ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କବିତା ପାଠ ମାଧ୍ୟମରେ କବି ଓ ସାହିତ୍ୟପ୍ରେମୀମାନେ ନିଜ ନିଜର ସୃଜନଶୀଳ ଭାବନା ଓ ଅନୁଭୂତିକୁ ପ୍ରକାଶ କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ କବି ପ୍ରମୋଦ କୁମାର ରାଉଳ, ପ୍ରତୀକ ଶର୍ମା, ଘାସିରାମ ମହାପାତ୍ର, ନାରାୟଣ ସଗର, ତପସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ।

'ଶୁଭ୍ରାଶ୍ରୀ' ପତ୍ରିକାର ୧୭ତମ ସଂସ୍କରଣର ଉନ୍ମୋଚନ ଓ ଏହି ସାରସ୍ୱତ ସମାରୋହ ମାଧ୍ୟମରେ ଛିଣ୍ଡାନଈ ସାହିତ୍ୟ ସଂସଦ ଓଡ଼ିଆ ଭାଷା, ସାହିତ୍ୟ ଓ କବିତାର ବିକାଶ ପାଇଁ ନିଜର ପ୍ରୟାସକୁ ଆଗେଇ ନେଇଛି। ଏପରି କାର୍ଯ୍ୟକ୍ରମ ସାହିତ୍ୟିକମାନଙ୍କ ମଧ୍ୟରେ ଭାବବିନିମୟ ବୃଦ୍ଧି କରିବା ସହ ନୂତନ ପ୍ରତିଭାଙ୍କୁ ଉତ୍ସାହିତ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ସାରସ୍ୱତ ସଭାରେ ଅନେକ ସାରସ୍ୱତ ସାଧକ ଯୋଗ ଦେଇଥିଲେ।

# ପ୍ରେସ କ୍ଲବ ବସ୍ତାର ସାଙ୍ଗଠନିକ ବୈଠକ ଓ ଶାରଦୀୟ ବନ୍ଧୁମିଳନ ଉତ୍ସବ



ବାଲେଶ୍ୱର, ୧୨/୧୦ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଦା ଡାକବଙ୍ଗଳା ଠାରେ ପ୍ରେସ କ୍ଲବ, ବସ୍ତାର ସାଙ୍ଗଠନିକ ବୈଠକ ଓ ଶାରଦୀୟ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ବିଜୟ କୁମାର ଭୂୟାଁ ଏହି ବୈଠକରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ବ୍ରଜମୋହନ, ମିଶ୍ର, ବାଞ୍ଛାନିଧି ଦେ, ମନୀଷ ରାଇମୋଗିଆ, ରଞ୍ଜନ ବେହେରା, ହରିଶଙ୍କର ପାଣି ଯୋଗ ଦେଇ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସଂଗଠନର କାର୍ଯ୍ୟଧାରା ଜାରି ରହିବ ବୋଲି କହିଥିଲେ। ଗଣମାଧ୍ୟମ ସହ ସାଧାରଣ ଲୋକଙ୍କୁ ସିଧାସଳଖ ଯୋଡି ହେଲେ ପ୍ରତ୍ୟେକ ସମସ୍ୟାର ସମାଧାନ ସମ୍ଭବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ଅବସରରେ ନବାଗତ ସଦସ୍ୟମାନଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ପଣ୍ଡିତ, ମାନସ ରଞ୍ଜନ ବେହେରା, ଜଗତ କୁମାର ଗିରି,ସୀତାକାନ୍ତ ଦାସ, ବସନ୍ତ କୁମାର ଭଦ୍ର, ଚାନସେଲର ରାଉତ, ବେଣୁଧର ଦାସ, ପ୍ରଶାନ୍ତ ସେନାପତି, ଦିଲ୍ଲୀପ ପଣ୍ଡା, ଜନ୍ମେଜୟ ପରିଡା, ସନ୍ତୋଷ ନାୟକ, ତୁଷାର ମାଝୀ ପ୍ରମୁଖ ଉପସ୍ଥିତ ରହି ସାଙ୍ଗଠନିକ ଆଲୋଚନା କରିଥିଲେ। ଆଗାମୀ ବୈଠକରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହେବାର ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା ।

# ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ କେନ୍ଦୁଝର ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର,୧୨/୧୦ (ନି.ପ୍ର): ଆଗାମୀ ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ କେନ୍ଦୁଝର ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ପୃଥକ୍ ପୃଥକ୍ ଭାବେ ଏହି ବୈଠକ ହୋଇଥିଲା। ଏଥିରେ ସଦର ଏସ୍ଡିପିଓ ଓ କେନ୍ଦୁଝର ଟାଉନ୍ ଥାନା ଆଇଆଇସିଙ୍କ ସମେତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଏବଂ ନିର୍ବାଚନ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ନିର୍ବାଚନର ସୁଚାରୁ ରୂପେ ପରିଚାଳନା, ଶୃଙ୍ଖଳା ରକ୍ଷା, ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଏଡ଼ାଇବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ନିର୍ବାଚନ ସମୟରେ ଅନୁସରଣ କରିବାକୁ ଥିବା ନିୟମାବଳୀ ଏବଂ କରଣୀୟ ଓ ଅକରଣୀୟ ସମ୍ପର୍କରେ ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ନିର୍ବାଚନ ଅଧିକାରୀ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ନିର୍ବାଚନ ସମୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା, ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଏବଂ ଗଣ୍ଡଗୋଳ, ଧମକ କିମ୍ବା ଉତେଜନା ସୃଷ୍ଟିକାରୀ କାର୍ଯ୍ୟରୁ ଦୂରେଇ ରହିବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା। ଏଥିସହ ନିର୍ବାଚନ ପରିଚାଳନା ସମୟରେ କୌଣସି ସମସ୍ୟା କିମ୍ବା । ଅଶାନ୍ତିର ଆଶଙ୍କା ଦେଖାଦେଲେ ତୁରନ୍ତି ପୋଲିସକୁ ଅବଗତ କରାଇବାକୁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ନିର୍ବାଚନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଘଟଣାମୁକ୍ ଟଣାମୁକ୍ତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ଆବଶ୍ୟକୀୟ ସୁରକ୍ଷା ଓ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯିବ । ବୋଲି କେନ୍ଦୁଝର ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ପୁରୀ,୧୨/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ସଦଭାବନା ସଭା ଗୃହ ପରିସରରେ ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ଅର୍ନ୍ତଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅଜିତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କନ୍ୟା ସନ୍ତାନର ସୁରକ୍ଷା ଓ ସେମାନଙ୍କ ଭବିଷ୍ୟତକୁ ସୁନ୍ଦର ଭାବେ ଗଢିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ୫୦ ଜଣ କିଶୋରୀ ବାଳିକାମାନେ ଯୋଗ ଦେଇଥିଲେ। କିଶୋରୀ ବାଳିକାମାନଙ୍କୁ ନେଇ ଗୀତ, ନାଚ, ପ୍ରଶ୍ନ ଉତରର ପ୍ରତିଯୋଗିତା କରାଯାଇଥିଲା। ସେଥିମଧ୍ୟରୁ ୧୦ ଜଣ କିଶୋରୀ ବାଳିକାଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ବିଭିନ୍ନ ସାମାଜିକ ସେବାରେ ନିଜକୁ ନିୟୋଜିତ କରିଥିବା ବିଜୟଲକ୍ଷ୍ମୀ ବଡ଼ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜକୁ କନ୍ୟା ସନ୍ତାନ ଦିବସ ଅବସରରେ ଆଜିର ବାର୍ତ୍ତା ଥିଲା - ମୋର ସ୍ୱର ମୋର ଅଧିକାର, ମୁଁ ହେଉଛି ସେଇ ଝିଅ, ଯେଉଁ ପରିବର୍ତ୍ତନର ମୁଁ ନେତୃତ୍ୱ ନେଉଛି, ସଙ୍କଟର ଆଗ ଧାଡିରେ ଝିଅମାନେ ।

# ବେଲପାହାଡ଼ରେ ବିଜେପିର ଯୁବ ସମାବେଶ

ଝାରସୁଗୁଡ଼ା,୧୨/୧୦ (ନି.ପ୍ର): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଖଲଗୁଡ଼ା ସ୍ଥିତ ପୌର କଲ୍ୟାଣ ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳାନ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି ଯୁବ ବର୍ଗ ହେଉଛନ୍ତି ଦେଶର ଭବିଷ୍ୟତ, ସର୍ବଦା ମା' ବାପା ଓ ମାତୃଭୂମିର ସେବା ଓ ସମ୍ମାନ କରିବାକୁ ଯୁବ ବର୍ଗଙ୍କୁ ଆହ୍ୱାନ କରିଥିଲେ। ଏଥିରେ ବିଶିଷ୍ଟ ବକ୍ତାଙ୍କ ମଧ୍ୟରେ ମିରର୍ ଥିଏଟରର ନିର୍ଦ୍ଦେଶକ ଡଃ. ସୁବାଷ ଚନ୍ଦ୍ର ପ୍ରଧାନ ଜଣେ ଯୁବକର ସଂଘର୍ଷ ଓ ସଫଳତାର କାହାଣୀ ଶୀର୍ଷକ ଅଭିଭାଷଣ ରଖିଥିବା ବେଳେ ଝାରସୁଗୁଡ଼ା ଜିଲା ଶିଳ୍ପକେନ୍ଦ୍ରର ଜିଏମ୍ ଅରିନ୍ଦମ ପ୍ରଧାନ ସ୍ୱାବଲମ୍ବୀ, ଆତ୍ମନିର୍ଭର ଓ ରୋଜଗାର ଶୀର୍ଷକ ଅଭିଭାଷଣ ରଖିଥିଲେ। ସେହିପରି ଡକ୍ଟର ବବନ ସିଂହ ଦୈନନ୍ଦିନ ଜୀବନର ଆକସ୍ମିକ ଉପଚାର ଶୀର୍ଷକ ଅଭିଭାଷଣ ରଖିଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଷ୍ଣୁ ମହାନ୍ତି ସମାଜ ଗଠନ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବକଙ୍କ ଭୂମିକା ଶୀର୍ଷକ ଅଭିଭାଷଣ ରଖିଥିଲେ ଓ ମାନସ ରଞ୍ଜନ ବକ୍ସି ସୋସିଆଲ୍ ମିଡିଆର ଉପଯୋଗିତା ଓ ଆବଶ୍ୟକତା ଶୀର୍ଷକ ଅଭିଭାଷଣ ରଖିଥିଲେ। ବିଜେପିର ବରିଷ୍ଠ ସଦସ୍ୟ ସଞ୍ଜୟ ସିଂହ ମଞ୍ଚ ସଂଚାଳନ କରିଥିବା ବେଳେ ପ୍ରଚଣ୍ଡ ଜୟସ୍ୱାଲ ଅତିଥି ପରିଚୟ ପ୍ରଦାନ ସହ ଯୁବ ବର୍ଗଙ୍କୁ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର କର୍ମକର୍ତାଙ୍କ ମଧ୍ୟରେ ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ବରିଷ୍ଠ ସଦସ୍ୟ ସଞ୍ଜୟ ସିଂହ, ମଣ୍ଡଳ ସଭାନେତ୍ରୀ ମୋନାଲିସା ମୋଦକଙ୍କ ସମେତ ପ୍ରମୋଦ ସେନାପତି, ପ୍ରଚଣ୍ଡ ଜୟସ୍ୱାଲ, ରାଜକୁମାର ଅଗ୍ରୱାଲ, ତପନକାନ୍ତ ଜେନା, କୈଳାଶ ନାଏକ, ରମେଶ ଜୟସ୍ୱାଲ, ତ୍ରିଲୋଚନ ପ୍ରଧାନ, ପ୍ରେମ୍ ପ୍ରକାଶ ସିଂହ, ସନ୍ତୋଷ ଲେଙ୍କା, ବିପ୍ଲବ ଅଗ୍ରୱାଲ, ମଙ୍ଗଳ ସାହୁ, ଚକାନନ ସା, ବିଶାଳ ପତି, ସମୀର ମିଶ୍ର, ଆରତୀ ପଧାନ, ପ୍ରେମ ଅଗ୍ରୱାଲ, ରତ୍ନାକର ସୁନା, ଅମନ ମହାରାଜ ପ୍ରମୁଖ ସହଯୋଗ କରିଥିଲେ। ପରେ କେତେକ ସ୍ଥାନୀୟ ଯୁବକ ବିଜେପିରେ ଯୋଗଦାନ କରିଥିଲେ।

# ବ୍ରହ୍ମପୁର ଉତ୍କର୍ଷ ଫୋରମ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର: ୨୫୦ ରୋଗୀ ଉପକୃତ

ଗଞ୍ଜାମ,୧୨/୧୦ (ନି.ପ୍ର): ଗ୍ରାମାଚଂଳର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଓ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉତ୍କର୍ଷ ଫୋରମ୍, ବ୍ରହ୍ମପୁର ପକ୍ଷରୁ ଗୁରୁଣ୍ଟୀ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୨୫୦ ଜଣ ରୋଗୀ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରମାନଙ୍କ ଠାରୁ ଚିକିତ୍ସା ପରାମର୍ଶ ପାଇ ଉପକୃତ ହୋଇଥିଲେ। ରବିବାର ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆୟୋଜିତ ଏହି ଶିବିରକୁ ସରସ୍ୱତୀ ଶିଶୁ ମନ୍ଦିର, ଗୁରୁଣ୍ଟୀ ସହଯୋଗ କରିଥିଲା। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଶଙ୍କର୍ଷଣ ପାତ୍ର, କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞ ଡାକ୍ତର ଗୌରଚନ୍ଦ୍ର ପଟ୍ଟନାୟକ, ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ ଓ ଡାକ୍ତର ରବୀନ୍ଦ୍ରନାଥ ଗନ୍ତାୟତ, ଡାକ୍ତର ପ୍ରଶାନ୍ତ କୁମାର ସାହୁ, ଦନ୍ତ ଚିକିତ୍ସକ ଡାକ୍ତର ସଂସ୍କୃତି କୁମାରୀ ସାହୁ ଏବଂ ହୋମିଓପାଥିକ ଚିକିତ୍ସକ ଡାକ୍ତର ସୁଦ୍ଧାରାଣୀ ନାୟକ, ଡାକ୍ତର ପୀତବାସ ସାହୁ ଓ ଡାକ୍ତର ଅଜୟ କୁମାର ପାତ୍ର ପ୍ରମୁଖ ଯୋଗଦେଇ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ସରସ୍ୱତୀ ଶିଶୁ ମନ୍ଦିର, ଗୁରୁଣ୍ଟୀର ଉପସଭାପତି ଡାକ୍ତର ବିପିନ ବିହାରୀ ସାହୁ ଓ ସାଧାରଣ ସମ୍ପାଦକ ଡାକ୍ତର ପ୍ରସନ୍ନ କୁମାର କରଙ୍କ ସହ ସରସ୍ୱତୀ ଶିଶୁ ମନ୍ଦିରର ଅନ୍ୟାନ୍ୟ ସଦସ୍ୟମାନେ ଏହି ସେବାମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର, ଗୁରୁଣ୍ଟୀର ସମସ୍ତ କାର୍ଯ୍ୟକର୍ତା ମଧ୍ୟ ଶିବିରର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ଉତ୍କର୍ଷ ଫୋରମ୍ ର କୋଷାଧକ୍ଷ ଡାକ୍ତର ସମରେନ୍ଦ୍ର କୁମାର ସାହୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ପୁରୁଷଙ୍କଠୁ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ମହିଳା



କୁହାଯାଏ ନାରୀଙ୍କଠୁ ପୁରୁଷ ବେଶ୍ ବଳଶାଳୀ। ଅଧିକ କଠିନ କାମ କରିପାରନ୍ତି, ଅଧିକ ବେଗରେ ଦୌଡ଼ିପାରନ୍ତି ଓ ଅଧିକ ଓଜନ ଉଠାଇପାରନ୍ତି ମଧ୍ୟ। ହେଲେ ଜାଣନ୍ତି କି ରୋଗ ଓ ଆୟୁଷ କଥା କହିଲେ ନାରୀ ପୁରୁଷଙ୍କଠାରୁ କମ୍ ରୋଗରେ ପଡ଼ନ୍ତି ଓ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି...

ହାର୍ଭାର୍ଡ ମେଡିକାଲ ସ୍କୁଲର ଅଧ୍ୟୟନ କହେ, ମହିଳା କମ୍ ରୋଗରେ ପଡ଼ିବା ଓ ଅଧିକ ବର୍ଷ ଜିଇବା ପଛରେ ବିଜ୍ଞାନ ଓ ପ୍ରକୃତିର ବଡ଼ ଭୂମିକା ରହିଛି। ଭ୍ରୂଣର ବିକାଶଠାରୁ ହିଁ ମହିଳା ଓ ପୁରୁଷ ଅଲଗା ହୋଇ ଯାଆନ୍ତି। ଯଦିଓ ଉଭୟଙ୍କର ୨୩ ଯୋଡ଼ା କ୍ରୋମୋଜମ ଥାଏ, ସେଥିରୁ ୨୨ଯୋଡ଼ା କ୍ରୋମୋଜମ ଉଭୟ ଲିଙ୍ଗରେ ସମାନ ଥାଏ। ହେଲେ ୨୩ତମ ଯୋଡା ଅଲଗା ଅଲଗା ହୋଇଯାଏ। ପୁରୁଷଙ୍କ ମଧ୍ୟରେ ୨୩ତମ ଯୋଡାରେ ଗୋଟାଏ ଏକ୍ସ ଓ ଏକ ୱାଇ କ୍ରୋମୋଜମ୍ ଥାଏ। ହେଲେ ମହିଳାଙ୍କ ୨୩ତମ ଯୋଡାରେ ଉଭୟ କ୍ରୋମୋଜମ୍ 'ଏକ୍ସ' ହିଁ ହୋଇଥାଏ। ୱାଇ କ୍ରୋମୋଜମ୍ ଏକ୍ସ କ୍ରୋମୋଜମଠାରୁ ଏକ ତୃତୀୟାଂଶ କମ୍ ହୋଇଥାଏ। ଆଉ ଏଥିରେ 'ଏକ୍ସ' ତୁଳନାରେ ବହୁତ କମ୍ ଜିନ୍ ଥାଏ। ଏକ୍ସ କ୍ରୋମୋଜମ୍‌ରେ ମସ୍ତିଷ୍କ ଓ ଇମ୍ୟୁନ ସିଷ୍ଟମକୁ ପ୍ରଭାବିତ କରୁଥିବା ଜିନ୍ ଥାଏ। ଯଦି ପୁରୁଷଙ୍କର ଏକ୍ସ କ୍ରୋମୋଜମ ଖରାପ ହୁଏ ତେବେ ସେମାନଙ୍କର ଆଉ ଏକ ଏକ୍ସ କ୍ରୋମୋଜମ ନାହିଁ ଭରଣା କରିବା ପାଇଁ। ସବୁଠାରୁ ବଡ଼ କଥା ହେଲା ପୁରୁଷଙ୍କ ମଧ୍ୟରେ ଥିବା କିଛି ୱାଇ କ୍ରୋମୋଜମର ରୋଗ ସହ ଲିଙ୍କ ଥାଏ। ଏହି କାରଣରୁ ପୁରୁଷଙ୍କ ମଧ୍ୟରେ ପୂରା ଜୀବନ ଅଧିକ ରୋଗ ହେବାର ଆଶଙ୍କା ମହିଳାଙ୍କଠାରୁ ଅଧିକ ଥାଏ।

ପୁରୁଷଙ୍କ ମଧ୍ୟରେ ଥିବା ଟେଷ୍ଟୋଷ୍ଟେରନ ହର୍ମୋନ ଯାହାକି ପୁରୁଷତ୍ୱର ପ୍ରତୀକ ତାହା ହୃତ୍‌ପିଣ୍ଡରେ ବିଭିନ୍ନ ରୋଗ ସୃଷ୍ଟି କରିବାର ବି କାରଣ ସାଜେ। ଅର୍ଥାତ୍ ଟେଷ୍ଟୋଷ୍ଟେରନ୍‌ର ସ୍ତର କମ୍ ହେଲେ ହୃଦ୍‌ରୋଗର ଆଶଙ୍କା ବଢିଥାଏ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି। ହେଲେ ମହିଳାଙ୍କର ନାରିତ୍ୱକୁ ପ୍ରୋତ୍ସାହିତ କରୁଥିବା ଏଷ୍ଟ୍ରୋଜନ ହର୍ମୋନ କିନ୍ତୁ ହୃତ୍‌ପିଣ୍ଡ ରକ୍ଷା କରିବାରେ ଚମତ୍କାର କାମ କରେ ବୋଲି କିଛି ଗବେଷଣା କହେ। ଏଥିରୁ ବୁଝିପାରୁଥିବେ ମହିଳାଙ୍କ ଭିତରେ କାହିଁକି ହୃଦ୍ ସମ୍ବନ୍ଧିତ ରୋଗ କମ୍ ହୋଇଥାଏ।

ଯଦିଓ ମହିଳାଙ୍କ ଭିତରେ ବ୍ରେଷ୍ଟ କ୍ୟାନ୍ସର, ୟୁଟ୍ରସ୍ କ୍ୟାନ୍ସର ହେଉଥିବା ଦେଖି ଭାବୁଥିବେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସୁରକ୍ଷିତ। ହେଲେ ପ୍ରକୃତରେ ସେମିତି ନୁହେଁ। ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ଲାଣ୍ଡ ପ୍ରୋଷ୍ଟାଟିଟିସ୍, ବିନାଇନ୍ ପ୍ରୋଷ୍ଟାଟିକ ହାଇପରପ୍ଲାସିଆ ଓ ପ୍ରୋଷ୍ଟେଟ କ୍ୟାନ୍ସର ଭଳି ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ। ତା'ସହ ଅନ୍ୟ ବହୁ ପ୍ରକାରର କ୍ୟାନ୍ସର ବି ହୁଏ।

ଆଉ ଏକ ରୋଚକ କଥା ହେଉଛି ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖୁଥିବା ଗୁଡ୍ କୋଲେଷ୍ଟରଲ ମହିଳାଙ୍କର ବେଶି ଥାଏ। ମହିଳାଙ୍କ ଭିତରେ ଗୁଡ୍ କୋଲେଷ୍ଟରଲ ପ୍ରତି ଡେସି ଲିଟରରେ ୬୦.୩ ମି.ଗ୍ରା. ଥାଏ। ଅନ୍ୟପକ୍ଷେ ପୁରୁଷଙ୍କ ଭିତରେ ଏହା କେବଳ ୪୮.୫ ମି.ଗ୍ରା. ଥାଏ। ଏଥିପାଇଁ ମହିଳାଙ୍କର ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା କମିଥାଏ। ଏହାଛଡ଼ା ମେଦବହୁଳତା ଓ ଅନ୍ୟ ରୋଗ ହେବାର ଆଶଙ୍କା ବି କମ୍ ରହିଥାଏ ଓ ମେଟାବୋଲିଜମ୍ ସକ୍ରିୟ ରହେ।

ଏହାବାଦ୍ ସାମାଜିକ କାରଣ ବି ଏକ ଫ୍ୟାକ୍ଟର ରହିଥାଏ। ମହିଳାମାନେ ବେଶି ସୋସିଆଲ ନେଟୱର୍କରେ ରହିଥାନ୍ତି। ଅଧିକ ହିଂସା ଓ ଆକ୍ରମଣତା ମହିଳାଙ୍କ ଗୁଣ ହୋଇ ନ ଥାଏ। ମହିଳାମାନେ ପୁରୁଷଙ୍କ ତୁଳନାରେ କମ୍ ସିଗାରେଟ୍, ତମାଖୁ, ମଦ ଆଦି ସେବନ କରିଥାନ୍ତି। ଏହାବାଦ୍ ମହିଳାଙ୍କ ଡାଏଟ୍ ପୁରୁଷଙ୍କ ତୁଳନାରେ ହେଲ୍‌ଦି ହୋଇଥାଏ। ମହିଳାମାନେ ଘରକାମ ଅଧିକ କରନ୍ତି। ଫଳରେ ସେମାନଙ୍କର ଶାରୀରିକ ବ୍ୟାୟାମ ଅଧିକ ହୁଏ। ଏଭଳି ଅନେକ କାରଣ ପାଇଁ ମହିଳାମାନେ ମଜଭୁତ ହୋଇଥାନ୍ତି ଓ ଅଧିକ ବର୍ଷ ଜିଇଥାନ୍ତି।

# ଖାଲି ପେଟରେ ଚାଲୁଛନ୍ତି କି? ଶରୀର ପାଇଁ ହୋଇପାରେ କ୍ଷତି



ନିକଟ ଅତୀତରେ, ଲୋକଙ୍କ ମଧ୍ୟରେ ଫିଟନେସ ପ୍ରତି ସଚେତନତା ବୃଦ୍ଧି ପାଇଛି। ଅନେକ ଲୋକ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ନିୟମିତ ଚାଲନ୍ତି। ଚାଲିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ଦୈନିକ ୨୦୦୦ ପାଦ ଚାଲିବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଜନିତ ରୋଗର ଆଶଙ୍କା କମିଯାଏ। କିନ୍ତୁ ଅନେକ ଲୋକ ଚାଲିବା ସମୟରେ କିଛି ସାଧାରଣ ଭୁଲ କରନ୍ତି, ଯାହା କ୍ଷତିର କାରଣ ହୁଏ।

କିଛି ଲୋକଙ୍କର ଖାଲି ପେଟରେ ଚାଲିବା ଅଭ୍ୟାସ ଥାଏ। କିନ୍ତୁ ଏହି ସମୟରେ, ସାଧାରଣ ଭୁଲ ମଧ୍ୟ ଆପଣଙ୍କୁ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ। ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ଖାଲି ପେଟରେ ଚାଲିବା ସମୟରେ କେଉଁ ଭୁଲଗୁଡ଼ିକ ଏଡାଇବା ଉଚିତ, ଯାହା ଦ୍ୱାରା ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ ନାହିଁ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଦେଖାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ବହୁତ ଦ୍ରୁତ ଗତିରେ ଚାଲିବାକୁ ଚେଷ୍ଟା କରନ୍ତି, ତେବେ ଆପଣଙ୍କ ଶରୀରରେ ଗ୍ଲୁକୋଜର ଅଭାବ ହୋଇପାରେ – ଯାହା ଯୋଗୁଁ ଆପଣ ମୁଣ୍ଡ ବୁଲାଇବା, ଦୁର୍ବଳତା କିମ୍ବା କ୍ଲାନ୍ତି ଅନୁଭବ କରିପାରନ୍ତି। ଖାଲି ପେଟରେ ଚାଲିବା ସମୟରେ, ଦ୍ରୁତ ଗତିରେ ଚାଲିବା ପରିବର୍ତ୍ତେ ଧୀରେ ଏବଂ ଆରାମରେ ଚାଲନ୍ତୁ।

ଚାଲିବା ସମୟରେ ଶରୀରରୁ ଝାଳ ବାହାରିଥାଏ, ଯାହା ଶରୀରରେ ଜଳୀୟାଂଶ ହ୍ରାସ କରିପାରେ। ଯଦି ଆପଣ ଖାଲି ପେଟରେ ଚାଲିଥାନ୍ତି ଏବଂ ପର୍ଯ୍ୟାପ୍ତ ପାଣି ପିଉନାହାଁନ୍ତି, ତେବେ ଡିହାଇଡ୍ରେସନର ଆଶଙ୍କା ବଢ଼ିପାରେ। ଡିହାଇଡ୍ରେସନ ମୁଣ୍ଡବିନ୍ଧା, ଥକ୍କାପଣ ଏବଂ ଶରୀରର କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ। ତେଣୁ, ଚାଲିବା ପୂର୍ବରୁ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ। ଏହା ଶରୀରକୁ ହାଇଡ୍ରେଟେଡ ରଖିବ।

କିଛି ଲୋକ ଖାଲି ପେଟରେ ଚାଲିବା ପରେ ମଧ୍ୟ ଖାଦ୍ୟ ଖାଆନ୍ତି ନାହିଁ। ଯେତେବେଳେ ଚାଲିବା ପରେ ଶରୀରକୁ ଶକ୍ତିର ଆବଶ୍ୟକତା ପଡ଼ିଥାଏ ଯାହା ଦ୍ୱାରା ମାଂସପେଶୀ ଏବଂ ଶରୀର ପୁନଃର୍ନିର୍ମାଣ ହୋଇପାରିବ। ଯଦି ଆପଣ ଚାଲିବା ପରେ ଖାଆନ୍ତି ନାହିଁ, ତେବେ ଏହା ଆପଣଙ୍କ ଶରୀରରେ ପ୍ରୋଟିନ ଏବଂ କାର୍ବୋହାଇଡ୍ରେଟ୍ସର ଅଭାବ ସୃଷ୍ଟି କରିପାରେ। ଚାଲିବା ପରେ ତୁରନ୍ତ ହାଲୁକା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ – ଯେପରିକି ଫଳ, ବାଦାମ, କିମ୍ବା ଦହି, ଯାହା ଦ୍ୱାରା ଶରୀର ଉପଯୁକ୍ତ ପୁଷ୍ଟି ପାଇପାରିବ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଥାଏ, ତେଣୁ ବହୁତ ଲମ୍ବା ଚାଲିବା ଆପଣଙ୍କ ଶରୀର ପାଇଁ କ୍ଷତିକାରକ ହୋଇପାରେ। ଦୀର୍ଘ ସମୟ ଚାଲିବା ଶରୀର ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ଆପଣଙ୍କୁ ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳ ଅନୁଭବ ହୋଇପାରେ।

# ମାନସିକ ଚାପ ହ୍ରାସ କରେ ଯୋଗ



ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।

# ଏହି ୩ ରାଶିର ପୁରୁଷ ଏକାଧିକ ଥର ପଡ଼ିଥାନ୍ତି ପ୍ରେମରେ; ରୋମାଣ୍ଟିକ୍ ସତ୍ତ୍ୱେ ହୃଦୟ ଭାଙ୍ଗେ...





ପ୍ରତ୍ୟେକ ରାଶିର ବ୍ୟକ୍ତିବିଶେଷଙ୍କ ବ୍ୟବହାର ଏବଂ ପସନ୍ଦ-ନାପସନ୍ଦ ଭିନ୍ନ ଭିନ୍ନ। କିଛି ଶାନ୍ତ ସ୍ୱଭାବର ହୋଇଥିବା ବେଳେ କିଛି ବହୁତ ରାଗି। ପ୍ରେମକୁ ନେଇ ମଧ୍ୟ ସବୁ ରାଶିର ସ୍ୱଭାବ ଭିନ୍ନ। କେହି କେହି ଜୀବନକାଳ ଭିତରେ ଥରେ ପ୍ରେମରେ ପଡ଼ିଥିବା ବେଳେ କେହି ଏକାଧିକ ଥର ପ୍ରେମରେ ପଡ଼ିଥାନ୍ତି। ଆଜି ଆମେ ଆଲୋଚନା କରିବା ଏଭଳି ୩ ରାଶି ବିଷୟରେ, ଯେଉଁଥିରେ ଜନ୍ମିତ ପୁଅମାନେ ସବୁଠାରୁ ଅଧିକ ରୋମାଣ୍ଟିକ୍ ହୋଇଥିଲେ ହେଁ ସେମାନଙ୍କ ପ୍ରେମସମ୍ପର୍କ ସ୍ଥାୟୀ ନ ଥାଏ।

ମେଷ ରାଶି : ଏହି ରାଶିର ପୁଅମାନଙ୍କ ପାଇଁ ଭଲପାଇବା ସବୁକିଛି। ହେଲେ କୌଣସି ନା କୌଣସି କାରଣରୁ ଏମାନଙ୍କ ପ୍ରେମ ସମ୍ପର୍କ ଠିକ୍ ଭାବେ ଚାଲି ନ ଥାଏ। ପାର୍ଟନରଙ୍କ ସହ ସମ୍ପର୍କ ଖରାପ ରହିବା କାରଣରୁ ଏମାନଙ୍କ ପ୍ରେମ କାହାଣୀ ବିଚ୍ଛେଦର ରୂପ ନେଇଥାଏ। ହେଲେ ଏମାନଙ୍କୁ ଜଣଙ୍କୁ ଭୁଲି ଅନ୍ୟଜଣଙ୍କ ପ୍ରେମରେ ପଡ଼ିବାକୁ ବେଶି ସମୟ ଲାଗି ନ ଥାଏ। ଜୀବନରେ ଏମାନେ ଏକାଧିକ ଥର ପ୍ରେମରେ ପଡ଼ିଥାଏ। ଜ୍ୟୋତିଷ ଅନୁଯାୟୀ ଏମାନଙ୍କ ପ୍ରେମ ସମ୍ପର୍କ ସ୍ଥାୟୀ ନ ଥାଏ।

ବୃଷ ରାଶି : ଏହି ରାଶିର ପୁଅ ସ୍ୱଭାବରେ ଭାରି ରୋମାଣ୍ଟିକ୍। ବହୁତ ଶୀଘ୍ର ଏମାନେ ପ୍ରେମରେ ପଡ଼ିଯାଇଥାନ୍ତି। ଅନେକ ଥର ନ ବୁଝି ବିଚାରି ପ୍ରେମ ସମ୍ପର୍କ ଗଢ଼ିବା କାରଣରୁ ଏମାନେ ପରେ ପଶ୍ଚାତାପ କରିଥାନ୍ତି। ଏହି କାରଣରୁ ଜୀବନକାଳରେ ଦୁଇଥର ପ୍ରେମରେ ପଡ଼ିବାର ସମ୍ଭାବନା ଏମାନଙ୍କର ବେଶି ଥାଏ। ହେଲେ ଏମାନେ ନିଜର ପ୍ରେମକୁ ବେଶ ସଚ୍ଚୋଟତାର ସହ ନିର୍ବାହ କରିଥାନ୍ତି। ହେଲେ ପାର୍ଟନରଙ୍କୁ ଭୁଲ ଚୟନ କରିବାକୁ ନେଇ ତାଙ୍କୁ ଧୋକା ମିଳିଥାଏ।

କର୍କଟ ରାଶି : ଏହି ରାଶିର ପୁଅମାନେ ପ୍ରେମକୁ ନେଇ ବେଶ ଗମ୍ଭୀର ଥାନ୍ତି। ଏମାନେ ନିଜ ପାର୍ଟନରଙ୍କୁ ବହୁତ ଭଲପାଇଥାନ୍ତି। ତାଙ୍କୁ ଖୁସିରେ ରଖିବାକୁ ଯଥାସମ୍ଭବ ଚେଷ୍ଟା କରିଥାନ୍ତି। ସଚ୍ଚୋଟତାର ସହ ସମ୍ପର୍କ ତୁଲାଇଥାନ୍ତି। ହେଲେ ଏମାନଙ୍କୁ ପ୍ରତାରଣା ବିଲ୍‌କୁଲ ପସନ୍ଦ ନୁହେଁ। ଜ୍ୟୋତିଷ ଅନୁଯାୟୀ ଜୀବନରେ ଥରେ ଏମାନଙ୍କ ହୃଦୟ ନିଶ୍ଚିତ ଭାଙ୍ଗିଥାଏ।

# ଭୁଲ୍‌ରେ ବି ଦାନରେ ଦିଅନ୍ତୁ ନାହିଁ ଏସବୁ ଜିନିଷ, ଅଭାବରେ ବୁଡ଼ିବେ...

ଦାନକୁ ସନାତନ ଧର୍ମର ସର୍ବୋତ୍ତମ ଗୁଣ ଭାବେ ବର୍ଣ୍ଣନା କରାଯାଇଛି। ହେଲେ ବୁଝି ବିଚାରି ଦାନ ନ କଲେ ନିଜର କ୍ଷତି ହୋଇପାରେ। ପୁରାଣରେ ମଧ୍ୟ ଏହାର ଉଦାହରଣ ହେଉଛନ୍ତି 'ଦାନବୀର କର୍ଣ୍ଣ'। ମହାଭାରତରେ କର୍ଣ୍ଣଙ୍କୁ ଜଣେ ମହାନ ଯୋଦ୍ଧା ସହ ମହାନ ଦାତା ଭାବେ ବର୍ଣ୍ଣନା କରାଯାଇଛି। ହେଲେ ଦାନର ପ୍ରବୃତ୍ତି ଯୋଗୁ ସେ ନିଜ ମୃତ୍ୟୁର କାରଣ ପାଲଟିଥିଲେ। ଏଣୁ ଦାନ କରିବା ପୂର୍ବରୁ ଚିନ୍ତା କରିବା ଆବଶ୍ୟକ ହୋଇଥାଏ। ଆସନ୍ତୁ ଜାଣିବା କେଉଁ ଜିନିଷକୁ ଦାନ କରିବା ଅନୁଚିତ :-

ରାଶି ତେଲ : ରାଶି ତେଲର ସମ୍ପର୍କ ରାହୁ-କେତୁ-ଶନିଙ୍କ ଭଳି ଗ୍ରହ ସହ ରହିଛି। ଏଣୁ ଏହି ତେଲକୁ ଦାନ କଲେ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ପାରେ। ଏଥିସହ ଆର୍ଥିକ କ୍ଷତି ମଧ୍ୟ ହୋଇପାରେ।

ଦିଆସିଲି : କେବେହେଲେ କାହାକୁ ଦିଆସିଲି ଦାନ କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ପରିବାରରେ ଅକାରଣରେ ଝଗଡ଼ା ହେବ। ଏପରିକି ପରସ୍ପର ପ୍ରତି ଥିବା ଭଲପାଇବା ହ୍ରାସ ପାଇବ।

ସୋରିଷ ତେଲ : ଏହା ଶନି ଦେବଙ୍କ ସହ ଜଡ଼ିତ। କାରଣ ଶନିଙ୍କୁ ଏହି ତେଲ ଅର୍ପଣ କରିବାର ପରମ୍ପରା ରହିଛି। ଏଣୁ ଯଦି ଆପଣ ଟଙ୍କା ନ ଦେଇ କାହାଠାରୁ ସୋରିଷ ତେଲ ନିଅନ୍ତି ତେବେ ଆପଣ ଶନିଙ୍କ କ୍ରୋଧର ଶିକାର ହୋଇପାରନ୍ତି।

ଲୁହା ସାମଗ୍ରୀ : ଏହାକୁ ଦାନ କଲେ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିପାରେ। ଏଥିସହ ଶାରୀରିକ ଅସୁସ୍ଥତା ମଧ୍ୟ ଦେଖାଦେଇପାରେ। ଏହାର କାରଣ ହେଉଛି ଲୁହାରେ ଭଗବାନ ଶନି ବାସ କରନ୍ତି। ଏହାକୁ ଦାନ କଲେ ସେ କ୍ରୋଧିତ ହୁଅନ୍ତି। ସେହିଭଳି କାହାଠାରୁ ଲୁହା ସାମଗ୍ରୀ ଦାନରେ ଗ୍ରହଣ କରନ୍ତୁ ନାହିଁ।

ଲୁଣ : ଏହାକୁ ଦାନ କଲେ ଶନିଦଶାରେ ପଡ଼ିପାରନ୍ତି। କେବଳ ଏତିକି ନୁହେଁ ଋଣଭାରରେ ଆପଣ ବୁଡ଼ିପାରନ୍ତି।

ଛୁଞ୍ଚି : ଛୁଞ୍ଚି ଦାନରେ ନେବା ଏବଂ ଦେବା ଉଭୟ କ୍ଷତିକାରକ। ଏହା ଘରର ସୁଖ ଏବଂ ଶାନ୍ତି ସମାପ୍ତ କରେ।








## ଧାରେ ହସ
### ପ୍ର. ଗିରିଜା ଶଙ୍କର ଶର୍ମା



ଟିକେ ଉଖାରି ଦେଲେ
ଦୁଃଖ ମାନଙ୍କ ଖଣି ଦିଶେ
ଲୁହ ଓ ଲହୁର ଚଟଣାରେ ଦୁଃଖମାନେ
ଥାକ ଥାକ ହୋଇ ସଜ୍ଜିତ ହୋଇଥାନ୍ତି
ପ୍ରତ୍ୟେକ ଦୁଃଖର ଅମାପ ଶକ୍ତି
ହଲେଇ ଦିଅନ୍ତି ମଣିଷକୁ
ପାଦତଳୁ ଖସେଇ ଦିଅନ୍ତି ମାଟି
ଅନ୍ଧାର ଘୋଟି ଆସେ
ଦିଗବଣା କରିବାପାଇଁ।

ତୁମେ ଯେଉଁମାନେ ମୋତେ କହ
ମୁଁ ଖୁସିରେ ଅଛି ହସି ପାରୁଛି
ଶାନ୍ତିରେ ନିଶ୍ୱାସ ମାରିଛି,
ତୁମେ ଦେଖି ପାରନା

ମୋର ଚିରା ସାର୍ଟ ତଳେ
ସିକୁଡି ଯାଇଥିବା ମୋର କଳିଜାକୁ।
ଫଟା କାନ୍ଥରେ ଟଙ୍ଗା
ହୋଇଥିବା କ୍ୟାଲେଣ୍ଡରର
ବିଗତ ଦିନ ମାନଙ୍କୁ
ଯେଉଁ ମାନେ ମତେ ଲହୁ ଲୁହାଣ କରିଥିଲେ
ଛାତି କୋଣରେ, ଅତି ନିର୍ଦ୍ଦିଷ୍ଟ ଭାବରେ
ଠୁସି ଦେଇଥିଲେ ଦାରୁଣ ଦୀର୍ଘଶ୍ୱାସ,
କିଛି ଦରମରା ଆଶା ଓ ବିଶ୍ୱାସ

ସେମାନେ ଏବେ ଚଳପ୍ରଚଳ ହୁଅନ୍ତି,
ମୋ ନିଶ୍ୱାସରେ।

ମୋତେ କିଏ ଫେରେଇ ଦେଇ ପାରିବେ କି
ମୁଁ ହରେଇ ଦେଇଥିବା ମୋର ଆତ୍ମ ବିଶ୍ୱାସକୁ।
ଦୁର୍ଦ୍ଦିନର ସୁନାମିରେ ବହି ଯାଇଥିବା
ମୋର ସୁଖ ମାନଙ୍କୁ।
ମୋତେ କିଏ ବଢ଼େଇ ପାରିବେ କି
ଦୁଃଖର ବିପଣୀକୁ
ସୁଖ ମାନଙ୍କୁ କିପରି ସାଉଁଟା ଯାଏ ।
ଖାଲି ଆଶା କରିବା କଥା
ଦୁଃଖର ବାଦଲକୁ ଆଡେଇ ଦେଇ
ଦିନେ ନା ଦିନେ ସୁଖ ଆସିବ
ସତରେ ଯଦି ସୁଖ ଦୁଃଖର ଚକ ବୁଲୁଥାଏ
ସେଦିନ ନିଶ୍ଚୟ ଆସିବ
ମୋର ଉଦାସିଆ ମୁହଁରେ
ପହଁରେଇବା ପାଇଁ ଧାରେ ହସ ।

+ଧନ କରଡ଼ା ସମ୍ବଲପୁରା- ୭୬୮୦୦୬
ମୋ : ୮୯୧୭୪୯୪୦୯୫

## ଏଇ ସହରରେ କିଛି ବି ଘଟିପାରେ
### ସୁଜିତ କୁମାର ମିଶ୍ର



ଏଇ ସହରରେ କିଛି ବି ଘଟିପାରେ
ପ୍ରେମ ମୁଲଚାଲ ହୁଏ ମାଛ ଦରରେ
ଘୃଣା ଘର କରେ
ମାଲିକ ପରି ତା ଜାଗାରେ ।

ଦିନେ ଏଇଠି ବସୁଥିଲା
ଦୈନିକ ହାଟ
ଯେଉଁଠି ଫାଟି ପଡୁଥିଲା
ଜହ୍ନରାତି ଭରା ଆକାଶ
ହସିଲା ଓଠର କୁହାଟରେ,
ଏବେ ନିଜ ନିଜ ସୁଖ ପାଇଁ
ନିର୍ଜନତାର ସୌଧ ଲମ୍ବୁଛି
ଆକର୍ଷଣୀୟ ସାମର୍ଥ୍ୟରେ ।

ମିଳୁଥିଲା ଓଦା ଚିଠି ଖଣ୍ଡେ
ସାହିତ୍ୟ ସଭା ପୂର୍ବରୁ,
ଏବେ ସେଇଠି ଶୋଇଛି
ଡିଜିଟାଲ ନିମନ୍ତ୍ରଣ ପତ୍ରର ଦେହ,
କିଏ ଆସୁ ନଆସୁ
ସଭା ସାଙ୍ଗ ହୁଏ ଚୌକି ଖାଲି ହେବା ଆଗରୁ।

ସାଇବେରିଆ ପକ୍ଷୀ ପରି
ଦଳ ଦଳ ହୋଇ
ନିଃସ୍ୱ ମଣିଷ ମାନେ ଛୁଟି ଆସୁଥିଲେ
ପ୍ରତି ରବିବାରରେ

ଚାମୁଚେ ଚାମୁଚେ ଦରଦ ପାଇଁ,
ଏବେ ନାଲିଆଖିର ବଜ୍ରପାତରେ
ସରକାରୀ ବସଷ୍ଟାଣ୍ଡ
ସେମାନଙ୍କ ସ୍ୱର୍ଗ ଭୂଇଁ

ଏଠି ବି ଅନ୍ଧକାର ପରି
ଛଳନା ବହୁଥାଏ ସାଇଁ ସାଇଁ ।

ବାବୁଲି ରିକ୍ସାବାଲା
ବେଶ୍ କମଉଥିଲା ବିଳମ୍ୱ ରାତି ଯାଏ
ଏବେ ଛିଣ୍ଡା ଗାମୁଛା ଖଣ୍ଡିକର
ଶାନ୍ତ୍ୱନାରେ
ନିଅଣ୍ଟିଆ ନିଅଣ୍ଟିଆରେ
ମାୟା ରାତି ପାହେ
ଲୁହ ଜୁଡୁବୁଡୁ ଆଖି କଣ ଶୁଏ ?

ଟିଉସନ ଫେରୁଥିବା ଝିଅଟି
ଘରକୁ ଫେରୁଥିଲା ସଅଳ
ଏବେ ରାକ୍ଷସଙ୍କ ଭୟରେ
ପାହିଯାଉଛି ସକାଳ,
ଆଉ ଶୁଭୁନି ଏଠି
ମନ ନଇ ତଳୁ ଛଳଛଳପଣ।

ଗୋଟିଏ ଘରୁ ଶୁଭୁଥିଲା
ବାପା ମାଆ ନନା ନାନୀ କକା ଖୁଡି ଡାକ
ଏବେ କାମନାର ଭୋକରେ
ଆଉଟୁପାଉଟୁ ପୋକତକ,
ଭାଗଭାଗ ସବୁଦିନ ସହର ଯାକ ।

ବାପାମାନଙ୍କ ଦାଢ଼ିକଟାରୁ
ଜଣା ପଡୁଥିଲା ବାର,
ଏବେ ସେମାନେ ଦାମୀ ପୁଅବୋହୂଙ୍କ
ଦାଢ଼ିଆ ଚାକର,
ଘଡିଘଡି ଘଡଘଡିର ଶୀକାର ।

କଫି ବିଡି ସିଗାରେଟରେ
ବେକାରୀ ଏଠି ଜମାଏ ଭିଡ
ଉନ୍ମୁକ୍ତ ଉପଦ୍ରବରେ
ସହର ହୁଏ ଭାରାକ୍ରାନ୍ତ,
ରୁଦ୍ରତାଡି ପରି ଦୀର୍ଘ କାଳ ରହେ ଅଶାନ୍ତ।

ପନିପରିବାକୁ ଗୁଜୁରାଣ କରି
ଚଳୁଥିବା ମଣିଷ ନିତି ହୁଏ ବିସ୍ଥାପନ,
ଦୁଃଖର ଗଣ୍ଡିଲି ଧରି
ଚର୍ବଣ ପ୍ରତିଶ୍ରୁତିରେ ସିଉଁଥାଏ ଜୀବନ,
ତା ଝାଳରେ ତୁମେ
ସାଉଁଟ ମଳୟ ପବନ ।

ସୁବିଧାବାଦୀଙ୍କ ରାଜୁତିରେ
ଯେଉଁଠି ସକାଳ ଲୁଚିଥାଏ ଅନ୍ଧକାରରେ
ଏଇ ସହରରେ କିଛି ବି ଘଟିପାରେ ।

+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଆଞ୍ଜୁଳେ ପାର୍ବଣ
### ଦେବାଶିଷ ଚକ୍ରବର୍ତ୍ତୀ



॥ ରାବଣ ॥
ରାବଣକୁ ସିନା ବଧିଲେ ଶ୍ରୀରାମ
ମାଆଲୋ ତୋହର ନାମକୁ ସ୍ମରି
ଏବେ ଅସୁମାରି ରାବଣ ଘୂରନ୍ତି
ନିଃଶଙ୍କରେ ନିଜ ନିଶକୁ ମୋଡ଼ି।

॥ ଶୂଳ ॥
ଗୋଟେ ମହୀଷାର ଶୋଣିତେ ତୃପତ
ହୋଇଥିଲା ସିନା ତୋହରି ଶୂଳ
ଅଭାବ ଶୂଳରେ ମନ କିନ୍ତୁ ଆମ
କ୍ଷତାକ୍ତ ହେଉଛି ବାରମ୍ୱାର ।

॥ ନେତ୍ର ॥
ଅନ୍ଧାର ବିନାଶ କରିପାରୁ ଯଦି
ତୋହରି ତୃତୀୟ ନେତ୍ରକୁ ଫେଇ
ଅନ୍ଧାର ତାଣ୍ଡବ ରଚୁଥିଲା ବେଳେ
ରହିଛୁ କିପରି ନୀରବ ହୋଇ ?

॥ ସ୍ଥାନ ॥
ସ୍ତୁତି କଲାବୋଲି ମହୀଷାକୁ ତୁହି
ଚରଣେ ତୋହର ଦେଇଛୁ ସ୍ଥାନ
ଦୁର୍ଭାବନା ରେ ଜଳୁ ତେବେ କିଆଁ
ତେବେ କଣ ଆମେ ତା'ଠାରୁ ହୀନ ?

॥ ମର୍ଦ୍ଦିନୀ ॥
ମହୀଷା ମର୍ଦ୍ଦିନୀ ସାଜିଅଛୁ ସିନା
ଗୋଟେ ମହିଷାକୁ ସଂହାର କରି
ତାଙ୍କରି ପ୍ରକୋପେ କୁମାରୀ ମାତାଙ୍କ
ଦୁର୍ଗତି ଗଲାଣି ସବୁଠୁ ବଳି ।

+ ମଣ୍ଡୁଆ, କେନ୍ଦୁଝର ଗଡ
ମୋ: ୯୪୩୭୭୫୨୩୯୫

## ମିଳନ ମନାସୀ ଜହ୍ନ
### ପ୍ରଶାନ୍ତ କୁମାର ଦାଶ



ମିଠା ସପନର ମିଳନ ଢଙ୍ଗରେ
ନାଚୁଥିବି ସାରା ରାତି
ଗାଉଥିବି ପ୍ରିୟା ତୁମ କଥା ଭାବି
ମହ୍ଲାର ମଧୁର ଗୀତି ।
ତୁମରି ଭାବନା ମରମେ କେବଳ
ଗୁଞ୍ଜରଣ ନିତି ତୋଳେ
ଝୁମୁଥି ଦେହ ମନ ତୁମ ଗୀତେ
ଜହ୍ନ ଥି ନଭ କୋଳେ ।
ବିଶ୍ୱାସର ବୁକୁ ବିଦାରି ଭରିଛି
ଛାତି ତଳେ ସବୁ କୋହ
କାଚ କଙ୍କଣର ରୁଣୁଝୁଣୁ ସୁର
ତୁଟାଇ ପାରିନି ମୋହ ।
ସୂରୁଜ ସମାନ ଉଇଁ ଚାହିଁଥିବି
ତୁମ ଆସିବାର ବାଟ
ଫିଙ୍ଗିଦିଅ ନାହିଁ ମନ ଆଇନାକୁ

ସରିଯିବ ସବୁ ନାଟ ।
ମୋ ଛାତିରେ ନାଚେ ବୈଶାଖର ତାତି
ଦହନ ଦିଅଇ ବ୍ୟଥା
ତୁମେ ଥାଇ ଦୂରେ ଏଇ ମନ ଝୁରେ
ମନେପଡ଼େ ତୁମ କଥା ।
ତୁମେ ମୋ ଜୀବନେ ଅସରା ସପନ
ଫଗୁଣ ଫୁଲର ବନ
ପାଶେ ଆସି ଦେଖ କେମିତି ହସୁଛି
ମିଳନ ମନାସୀ ଜହ୍ନ ।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## କାଶତଣ୍ଡୀ
### ଡ. ଦୀପକ କୁମାର ମିଶ୍ର



ଫୁଲରେ ଗଣା ନା ଗୋହିରି ଘାସରେ,
ପ୍ରୀତି ପରଶର ବାସ
କେଉଁ ବଗିଚାର ମହଲତ ନୁହେଁ
ମହ୍ଲାର ତୋଳଇ ହସ
ମନର ମାନିନୀ ଇଚ୍ଛା
ସଞ୍ଜୀବନୀ ଆକାଶକୁ ଫିଙ୍ଗେ ରୂପ
କ୍ଷଣିକ ଆଶାର ଅସରନ୍ତି ଆଭା
ତ୍ରିଭୁବନ ଭାବ ତପ ।

ପାର୍ବଣ ଋତୁର ପଲ୍ଲବିତ ପ୍ରେମ
ଧରାପୃଷ୍ଠେ ଶୁଭ୍ର ଯଶ
ମାର୍ମିକ ସ୍ୱରର ମଇଳମଟିଏ
ପୂର୍ତ୍ତି ପରର ଶୋଷ
ବସନ୍ତ ବୁଝେନା ଶୀତକୁ
ଝୁରେନା ଶରତର ଶିରିଟିଏ
ଛାତିରୁ ଝରାଇ ମହାମୃତ୍ୟୁଞ୍ଜୟ
ମରିମରି ଜିଏଁ ସିଏ ।

ଅଣ୍ଟାରେ ବାନ୍ଧିଛି ଜହ୍ନର ଜୋଛନା
କଣ୍ଠରେ ରୁଦ୍ରାକ୍ଷମାଳ
ଭରା ଯଉବନେ ତଟିନୀ

ତଟରେ ମାୟାଯୋଗିନୀର ଖେଳ
କହି ହୁଏ ନାହିଁ ସ୍ୱପ୍ନନାୟିକା
ତଡ଼ି ବି ହୁଏନି ହୃଦୁ
ମତ୍ତ ମୃଦଙ୍ଗର ତିର୍ଯ୍ୟକ୍ ତାଳରେ
ଚାହୁଁଥାଏ ମୃଦୁ ମୃଦୁ ।

ବୈରାଗ୍ୟ ତୁଠର ଭୁଆସୁଣୀ ମୁଖେ
ନିଶିଗନ୍ଧାର ତାତି
ହରଷ-ହତାଶ ମିଶ୍ରରାଗରେ,
ଗାଏ କାଶତଣ୍ଡୀର ଗୀତି ।

+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଫେରିବାକୁ ହେଲା
### ଲତିକା ମହାପାତ୍ର



ଚେନାଏ ଶୀତଳ ଜ୍ୟୋସ୍ନାର ପ୍ଲାବନ
ଯେବେ ଶିହରାଇ ଦେଲା ତନୁ ମନ
ରୋମାଞ୍ଚ ଖାଲି ରୋମାଞ୍ଚ
ମନେ ହେଲା ଜୀବନ..

ଆଉ ଇଚ୍ଛା ନ ଥିଲା ଫେରିବାକୁ
ଅଙ୍କକଷାର ସୀମିତ ପୃଥିବୀକୁ

ଆଉ ଇଚ୍ଛା ନଥିଲା
ସାମ୍ନା କରିବାକୁ

ନିର୍ବାକ ନିଷ୍ପନ୍ଦ ମୁହଁ ସବୁଙ୍କୁ

ଭାରି ଅସହଜ ମନେ ହୁଅନ୍ତି
ସେଇ ସବୁ ଚେହେରା
ନ ଥାଏ ଯେଉଁଠି ଆତ୍ମୀୟତାର
ଉଷ୍ମ ଆବେଦନ

ଫେରିବାକୁ ଚାହୁଁ ନଥିଲି
ଯାନ୍ତ୍ରିକ ଏ ସମୟକୁ

ଅଥଚ ଜ୍ୟୋସ୍ନାର ଜୁଆର ଟପି
ଅମୃତର ଆସ୍ୱାଦ ଚାଖି
ନିଜେଇ ନିଜକୁ ନିର୍ବାସିତ କରି

ଫେରିବାକୁ ହେଲା
ଜୀବନ ଯନ୍ତ୍ରଣାର ରତ୍ନବେଦୀକୁ
ଚାଖିବାକୁ ହେଲା ତାର କଟୁ ତିକ୍ତପଣ
ଗରଳକୁ ପିଇଲି ଅମୃତ ପରି
ଭଲପାଇଲି ଅନ୍ଧାରକୁ ଆଲୁଅଠୁ ବେଶି

+ ତାଳଚେର

## ତୁମେ ମୋର ଗୃହ ବନ୍ଦୀ
### ତାରାପ୍ରସାଦ ଜେନା



ମନ ଆଇନାରେ ସବୁ କାଳେ ତୁମେ
ଅଛ ମୋର ଗୃହ ବନ୍ଦୀ
ରୂପ ଗହଣାରେ ଝଲସୁଛ ଭାରି
ଏକଦମ୍ ସୁନା ଚାନ୍ଦି
ମନ ଆଇନାରେ ସବୁ କାଳେ ତୁମେ।
ଛାଟିପିଟି ହୋଇ ଯାଇ ପାରୁନାହଁ
ପ୍ରାଣ ଠାରୁ ବେଶି ଖସି
ଅନୁରାଗ ଭରା ମାୟା ମୋହେ ତୁମେ
ଅଭିମାନେ ରୁହ ଖୁସି ,
ତୁମ ମୋର ସୁଖ ସାରା ଜୀବନର
ଦୁଃଖ ନାହିଁ ଟିକେ କାନ୍ଦି
ମନ ଆଇନାରେ ସବୁ କାଳେ ତୁମେ।

ସ୍ୱପ୍ନ ବାସ୍ତବତା ତୁମେ ମଧୁରତା
ପ୍ରେମମୟୀ ଅପସରୀ
ଭବ ଭାବନାରେ ଭାବ ଚେତନାରେ
ଦୁରଲଭା ମନୋହରୀ ,
ଆଖି ରଖି ଆଖି ଲାଜେ ଲାଜେ ହସ
ସତେ ଅବା ଗଳା ଛନ୍ଦି
ମନ ଆଇନାରେ ସବୁ କାଳେ ତୁମେ।

+ ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦

## ପ୍ରକୃତି ଓ ମୁଁ
### ସସ୍ମିତା ଦାଶ

ମୋ ଓଠେ ହସ ଫୁଟାଏ
ପ୍ରକୃତିର ଶୀତଳ ପରଶ,
ସବୁଜିମା ଭରା ଏଇ ଧରଣୀ
ମୋ ପାଇଁ ଅମୂଲ୍ୟ ଆକାଶ ।

ଫୁଲର ହସ, ପକ୍ଷୀର ଗୀତ,
ଝରଣାର କୁଳୁକୁଳୁ ସ୍ୱର,
ପବନର ମିଠା ମିଠା ଛୁଆଁ
ମନେ ଭରେ ସ୍ୱପ୍ନର ଘର ।

ମୁଁ ଯେତେ ଭଲପାଏ ପ୍ରକୃତିକୁ,
ପ୍ରକୃତି ବି ଭଲପାଏ ମୋତେ,
ସବୁଜ ପତ୍ରରେ ହସି ହସି
ଶାନ୍ତିର ବାରତା ଦିଏ ।

ଆସ, ଆମେ ଶପଥ ନେବା—
ଗଛଟିଏ ଲଗାଇବା,
ସବୁଜିମାକୁ ବଞ୍ଚାଇବା,
ନଦୀ, ନାଳ, ଝରଣାକୁ
ନିର୍ମଳ ରଖିବା ।

ରକ୍ଷା କରିବାଯେବେ ଆମେ ପ୍ରକୃତିକୁ
ସୁରକ୍ଷିତ ରଖିବ ତେବେ ସେ ଆମକୁ ,
ସବୁଜ ହସିବ ଆମ ଧରଣୀ,
ସୁନ୍ଦର ହେବଆମ ଦିନ ଆଗାମୀ ।

ପ୍ରକୃତି ଆମର ଜୀବନ,
ପ୍ରକୃତି ଆମର ଶ୍ୱାସ—
ତାକୁ ଭଲପାଇ ବଞ୍ଚିବା ଶିଖିଲେ
ଜୀବନ ହେବ କୁସୁମିତ,
ହଟହଟା ହେବାନାହିଁ
ହସିବ ଭବିଷ୍ୟତର ଆକାଶ ।

+ ଟାଉନପ୍ଲାନିଂ କଲୋନୀ
ଢେଙ୍କାନାଳ

## ଅମୁଲ୍ୟ ଜୀବନ
### ନିରଞ୍ଜନ ସାହୁ



ମରିଗଲେ ଯଦି ତରି ଯାଇହେବ
ସର୍ବେ ଯାଆନ୍ତେ ତ ମରି
ତେବେ କିମ୍ୱା ଏଠି ମଣିଷ ବଞ୍ଚଇ
ନାନାବିଧ କଷ୍ଟ କରି ?

ଜୀବନ ଧାରଣ କରିବା ଏଠାରେ
ନୁହଁଇ ସହଜ କଥା
ପରିବେଶ ଆଉ ପରିସ୍ଥିତି ଆସି
ଘୁରାଇ ଦିଅଇ ମଥା
ତଥାପି ମଣିଷ ନ ମରି ବଞ୍ଚଇ
ସମସ୍ୟାକୁ ଡରି ଡରି ।

ବଞ୍ଚିବା ପାଇଁକି ଜୀବନ ସଂଗ୍ରାମ
କରିବାକୁ ହୋଇଥାଏ
କେତେବେଳେ କିଏ ଜିତିଯାଏ ପୁଣି
କେତେବେଳେ ହାରିଯାଏ
ହାରିଗଲା ଯିଏ ସରିଗଲା ସିଏ
ରହେ ଦୁଃଖୀଟିଏ ପରି ।

ଅସମାପ୍ତ ଦୁଃଖ ଅସହ୍ୟ ବେଦନା
ଅନ୍ତରକୁ ଭାରି ବାଧେ
ନିଜକୁ କଦାପି ବୁଝାଇ ହୁଏନି
ସମାଜ ବି ଦାଉ ସାଧେ
ତୁହାତୁହା ମେଘ ପରି ଆଖି ଲୁହ
ଅବାରିତ ଯାଏ ଝରି ।

ମଣିଷ ଭାବଇ କାହିଁକି ବଞ୍ଚିବି
ବଞ୍ଚିଲେ ବି କ'ଣ ହେବ
ଯେଉଁ କ୍ଷତି ଲାଗି ଯାତନା ଭୋଗୁଛି
ତାହା କେ ' ଫେରାଇ ଦେବ
ଭାଗ୍ୟ ଭଗବାନ ଶତ୍ରୁ ପାଲଟିକି
ଦୁଃଖ ଆଣି ଦେଲେ ଭରି ।

ଅବସାଦ ସାଥେ ମନସ୍ତାପ ମିଶି
ଦିଏ ମର୍ମାନ୍ତିକ କଷ୍ଟ
ମଣିଷ ଭାବଇ ଆତ୍ମହତ୍ୟା କରି
ଜୀବନ କରିବ ନଷ୍ଟ
ଜୀବନ ଗଣିତ ଫଳାଫଳ ଶୂନ
ଏ ଜୀବନ ଯାଉ ସରି ।

+ ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ମୁଁ ନାରୀ
### ସରୋଜିନୀ ସେନାପତି

ରାଶି ରାଶି ବାଲୁକାର ବିସ୍ତୀର୍ଣ୍ଣ ବକ୍ଷରେ
ସାଗରର ମଥା ପିଟା କ୍ରନ୍ଦନ ।

ଅନନ୍ତ ଆକାଶର ନୀଳିମା ମଞ୍ଚରେ
ଆଶ୍ୱାସନାର ଖଣ୍ଡେ ଭସା ବାଦଲ ।

ହୃଦୟର ଆବିଳତା ଅବଳାର
ଦେଖେ କିଏ ଶୁଣେ କିଏ
ଆର୍ତ୍ତ ଚିତ୍କାର ଚିତ୍ତ ତାର
ସେଇଠି ଗୁଞ୍ଜରି ମରିଯାଏ ।

ନିମିଷକେ ଅପଲକ ନୟନର
ଅକୁହା ପରିଭାଷା ତାର
ବହିଯାଏ ଗଣ୍ଡତଟ ଦେଶେ
ବିଳପି ଦୁଇ ଧାର ।

ତଥାପି ଅବୁଝା ହୋଇ ପଡ଼େ
ଏ ଯୁଗର ଅହଲ୍ୟାଟି
ଆପେ ଆପେ ପାଷାଣି ପାଲଟେ
ପ୍ରତୀକ୍ଷାର ଦୀପଟିଏ ଜାଳି ।

ଆଜିବି ପୁରୁଷ ଜଳାଏ ଅଗ୍ନିର ଝାସରେ
ସତୀତ୍ୱର ଦ୍ୱାହି ଦେଇ
ଉପେକ୍ଷିତା ନାୟିକାର ଜୀବନରେ
ଈଶ୍ୱରର ସ୍ଥାନ ଦାବି କରି ।

## ଦେବୀ କାହିଁ ?
### ରବି କୁମାର ମହାନ୍ତି



ଆଗରୁ ଏ ଅନନ୍ତ ଆକାଶ ଯେମିତି ଥିଲା
ସେମିତି ଅଛି,
ଫି ବର୍ଷ ଏଇ ବେଳକୁ
ସବୁଜ କ୍ଷେତରେ
ଆସନ୍ନ ପ୍ରସବା ଧାନ ଗଛ
ଯେମିତି
ଭିଡ଼ି ମୋଡ଼ି ହେଉଥାଏ
ସୁଲୁ ସୁଲିଆ ପବନରେ
ସେମିତି ହିଁ ଏବେ କ୍ଷେତ ଯାକ
ଶାଗୁଆ ସ୍ୱପ୍ନ ମାନଙ୍କ ଦେହ ସବୁ
ଟୋପା ଟୋପା କାକରରେ
ମହକି ଉଠୁଛି
ପାର୍ବଣ କାହିଁ ?
ଚାରିଆଡେ ତ ଦାଉ ଦାଉ ଖରାର ସମ୍ଭାର
ଦରମଲା ପ୍ରକୃତିର
ଛବି ହିଁ ଦିଶୁଛି
ମାଟି ମିଶେ ମାଟିରେ
ଶିଳ୍ପୀ ସାଜେ ଜହ୍ଲାଦ
ଯେଉଁ ହାତରେ ଗଢିଥାଏ ଦେବୀର ଦେହ
ସେହି ହାତରେ
ଉତାରେ ବସନ
ଓହ୍ଲାଇ ଦିଏ ଭୂଷଣ
ଶିଳ୍ପୀର ଅସ୍ଥିର ଚେତନାରେ ହୁଏ

ଦାନବର ନମ୍ର ଉତ୍ତରଣ
ମଝିରେ କେଉଁଠି କଦବା
ମଣିଷ ପଣିଆଟି
ନିଜ ଚିତାରେ ବାଛି ନିଏ ଆସ୍ଥାନ
ଯେଉଁଠି ଗଢିଲା ବାଲା ନାହିଁ
ସେଠି ଦେବୀ କେଉଁଠୁ ଆସିବ ?
ଯେଉଁଠି
ଲୋଡ଼ିବା ପଣ ନାହିଁ
ସେଠି ମାତୃତ୍ୱ କାହୁଁ ମିଳିବ ?
ଅତଏବ
ଗୋଟେ ପ୍ରତାରଣାର ନାଁ ପାର୍ବଣ ହେଉ,
ଗୋଟେ ଦହଗଞ୍ଜର ନାଁ ଦେବୀ ହେଉ
ଏବଂ
ସବୁ ସହିବାର ମୁହୂର୍ତ୍ତ ମାନଙ୍କ ନାଁ
ମା'ଟିଏ ହେଉ
ମା'ର ପଣତରେ କେବେ
ମମତାର ରାତିଟି ନପାହୁ।

+ ମିତ୍ରନୀଡ
କମାରିଆ, ଭଦ୍ରକ
ମୋ: ୭୦୬୪୭୭୮୨୪୭

# ମହାଳୟା ଅମାବାସ୍ୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ହଜାର ହଜାର ଶ୍ରଦ୍ଧାଳୁ

ପୁରୀ,୧୨/୧୦ (ନି.ପ୍ର): ମହାଳୟା ଅମାବାସ୍ୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ହଜାର ହଜାର ଶ୍ରଦ୍ଧାଳୁ । ପିତୃପୁରୁଷଙ୍କୁ ପିଣ୍ଡଦାନ, ତିଳତର୍ପଣ କଲେ ପିତୃଲୋକ ଅନ୍ନ ଜଳ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି । ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର ମହାଳୟା ଅବସରରେ ଶ୍ରୀକ୍ଷେତ୍ରରେ ପହଂଚିଛନ୍ତି । ଚଳଚଂଚଳ ହୋଇଛି ଶ୍ରୀମନ୍ଦିର ଚାରିପଟ । ଶ୍ରୀମନ୍ଦିର ଉତର ଦ୍ୱାର ସମେତ ନରେନ୍ଦ୍ର, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମାର୍କଣ୍ଡ, ମହୋଦଧି ତୀର୍ଥ ପୁଷ୍କରିଣୀରେ ପିତୃଲୋକଙ୍କୁ ଶ୍ରାଦ୍ଧ ପିଣ୍ଡଦାନ କରିଛନ୍ତି । ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ସ୍ୱର୍ଗପ୍ରାପ୍ତି ହେବା ସହ ମୋକ୍ଷ ପ୍ରାପ୍ତି ହେବା ବିଶ୍ୱାସ ରହିଛି । ଏଥିପାଇଁ ସକାଳୁ ସକାଳୁ ହଜାର ଶ୍ରଦ୍ଧାଳୁ ପୁରୀ ଆସି ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି । ଶ୍ରୀମନ୍ଦିର ଉତର ଦ୍ୱାର, ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ସହ ପିତୃ ପୁରୁଷଙ୍କୁ ମନେ ପକାଇଛନ୍ତି ।

ଆଶ୍ୱିନ ମାସର ପ୍ରଥମ ପକ୍ଷ ପିତୃପକ୍ଷ ନାମରେ ପରିଚିତ । ଏହି ପକ୍ଷର ଅମାବାସ୍ୟା ମହାଳୟା ଅମାବାସ୍ୟା । ପିତୃଗଣଙ୍କ ଉଦ୍ଦେଶ୍ୟରେ ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ ପିତୃପର୍ବ ମଧ୍ୟ କୁହାଯାଏ । ଚତୁର୍ଦ୍ଦଶୀ ଯାଏଁ ତର୍ପଣ କଲାପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ସୂର୍ଯ୍ୟ କନ୍ୟା ରାଶିରେ ଥିବାବେଳେ ଯେଉଁ ଅମାବାସ୍ୟା ପଡ଼େ ତାହା ମହାଳୟା ଅମାବାସ୍ୟା । ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା, ଏହି ୧୫ ଦିନ ମଧ୍ୟରେ ଜଣେ ଯେକୌଣସି ଦିନ ଶ୍ରାଦ୍ଧ ଦେଇପାରେ, ଏଥିପାଇଁ ଏହାକୁ ପିତୃପକ୍ଷ କୁହାଯାଏ । ତେବେ ଏହି ପକ୍ଷର ଶେଷ ଦିନକୁ ମହାଳୟା କୁହାଯାଏ । ପିତୃପକ୍ଷ ତିଥିରେ ପିଣ୍ଡଦାନ କରିପାରିନଥିବା ଶ୍ରଦ୍ଧାଳୁ ମାନେ ଆଜି ପିଣ୍ଡଦାନ କରି ପୂର୍ବ ପୁରୁଷଙ୍କୁ ଶ୍ରାଦ୍ଧ ପ୍ରଦାନ କରିଛନ୍ତି । ମହାଳୟାରେ ପିଣ୍ଡଦାନ କଲେ ପିତୃଲୋକଙ୍କ ଆଶୀର୍ବାଦ ମିଳିବା ସହ ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଶ୍ରଦ୍ଧାଳୁ ମାନେ ପିତୃଶ୍ରାଦ୍ଧ ଓ ପିଣ୍ଡଦାନ କରି ମହାପ୍ରଭୁଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରି ଆତ୍ମ ତୃପ୍ତି ପାଇଛନ୍ତି ।

# ଲୋକନାୟକ ଜୟପ୍ରକାଶ ନାରାୟଣ ଓ ଶହୀଦ ବାଜିରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର ,୧୨/୧୦ (ନି.ପ୍ର): ସେବା ଓ ତ୍ୟାଗର ଅବିସ୍ମରଣୀୟ ପ୍ରତୀକ ଥିଲେ ବାଜି ରାଉତ । ୧୨ ବର୍ଷର ବୀର ବାଳକ ବାଜିରାଉତଙ୍କର ବଳିଦାନ ବ୍ରିଟିଶ ସରକାର ବିରୁଦ୍ଧରେ ଲଢ଼ିବାକୁ ହଜାର ହଜାର ସଂଗ୍ରାମୀ ସୃଷ୍ଟି କରିଥିଲା । ତାଙ୍କର ବଳିଦାନ ସମଗ୍ର ଦେଶର ଜନମାନସରେ ଏକ ଅଭୂତପୂର୍ବ ଉତ୍ସାହ ଭରି ଦେଇଥିଲା ଏବଂ ତତ୍‌କାଳୀନ ରାଜନୈତିକ ସାମାଜିକ ପରିବେଶରେ ସଂଗ୍ରାମର ଏକ ନୂତନ ଆଲୋକ ଉନ୍ମେଷ ହୋଇଥିଲା । ଦେଶର ସ୍ୱାଧୀନତା ପାଇଁ ବାଜିରାଉତ ବୀରତ୍ୱର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ତାହା ଓଡ଼ିଶା ଇତିହାସରେ ଚିର ଜାଜ୍ୱଲ୍ୟମାନ ରହିବ ।

ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କର ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଆଧୁନିକ ଭାରତର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି । ସେ ଥିଲେ ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ଆଦର୍ଶର ଅନ୍ୟତମ ପ୍ରବକ୍ତା, ବିଚକ୍ଷଣ ରାଜନୀତିଜ୍ଞ ଓ ସାମାଜିକ ନ୍ୟାୟ ପାଇଁ ଅଙ୍ଗୀକାରବଦ୍ଧ ଜନନେତା । ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଦେଶର ଯୁବପିଢ଼ିକୁ ଜାଗ୍ରତ କରିଥିଲା । ଜୟପ୍ରକାଶ ନାରାୟଣଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ନୀତି ଓ ସେବା ହିଁ ସର୍ବୋତ୍କୃଷ୍ଟ ରାଜଧର୍ମ।

ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଅମର ଶହୀତ ବାଜି ରାଉତଙ୍କ ଶ୍ରାଦ୍ଧଦିବାସ ପାଳନ ଅବସରରେ ବିଧାନସଭା ପାଶ୍ୱର୍ରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଫାଉଣ୍ଡେସନ୍‌ର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ, ସମ୍ପାଦକ ଶ୍ରୀ କିଶୋର କୁମାର ମିଶ୍ର, ପୂଜ୍ୟପୂଜା ସଂସଦର ସଭାପତି ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ଶ୍ରୀ ଗିରିଜା ଶଙ୍କର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ରହି ବାଜି ରାଉତ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏଥି ସହିତ ୟୁନିଟ୍- ୮ସ୍ଥିତ ଡିଏଭି ସ୍କୁଲ ଛକ ନିକଟରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ସେହିପରି ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମାଷ୍ଟରକ୍ୟାଂଟିନ୍ ଛକସ୍ଥିତ ଲୋକନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ବିଭାଗର ଅଧିକାରୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ଜୟପ୍ରକାଶ ନାରାୟଣଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ମହାଳୟାରେ 'ମା ସମଲେଶ୍ୱରୀଙ୍କ ଧବଳମୁଖୀ ବେଶରେ ଦର୍ଶନ

ବଲାଙ୍ଗିର,୧୨/୧୦ (ନି.ପ୍ର): ବଲାଙ୍ଗିର ସହର ସମଲେଶ୍ୱରୀ ମନ୍ଦିରରେ ଆଜି ଶନିବାର ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ମହାଳୟା ତିଥିରେ ଦେବୀଙ୍କୁ ଧବଳମୁଖୀ ବେଶରେ ଦର୍ଶନ କଲେ ଗଙ୍ଗା ସ୍ନାନର ପୂଣ୍ୟପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି । ଅନ୍ୟପକ୍ଷେ ସକାଳୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ପୂଜା ସାମଗ୍ରୀ ଧରି ଦେବୀଙ୍କୁ ଦର୍ଶନ ପାଇଁ ମନ୍ଦିରକୁ ଦର୍ଶନ ପୂଜା ଅର୍ଚ୍ଚନା ପାଇଁ ବଡି ଭୋର ଶ୍ରଦ୍ଧାଳୁ ଭକ୍ତ ମାନେ ଆସିଥିଲେ । ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର କମିଟି, ପୋଲିସ ପ୍ରଶାସନ ଆଳତୀ କମିଟି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇ ଥିବାବେଳେ ପୂଜକ ଦେହରୀ ମାନେ ମା'ଙ୍କ ବେଶ କରି ପୂଜାର୍ଚ୍ଚନା କରିଥିଲେ।

# କୁଇ ସମାଜର ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ: ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର,୧୨/୧୦ (ନି.ପ୍ର): କୁଇ ସମାଜର ପ୍ରାଚୀନ ସଂସ୍କୃତି, ପରମ୍ପରା ଓ ସାମାଜିକ ବ୍ୟବସ୍ଥାର ସୁରକ୍ଷା ସହ ଏହାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଂଚାଇବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି କହିଛନ୍ତି ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ଫୁଲବାଣୀଠାରେ ଆୟୋଜିତ କୁଇ କ୍ଲାମ୍ବୁ ମୁଖିଆ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କ୍ଲାମ୍ବୁର ମୁଖିଆମାନଙ୍କ ସହ ସାକ୍ଷାତ ଓ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୪୮ ଜଣ କ୍ଲାମ୍ବୁ ମୁଖିଆ ଯୋଗଦେଇଥିବା ବେଳେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏକ ମଂଚରେ ସମସ୍ତ ମୁଖିଆଙ୍କୁ ଭେଟିବା ଓ ସେମାନଙ୍କ ସହ ସମୟ ବିତାଇବା ତାଙ୍କ ପାଇଁ ଆନନ୍ଦ ଓ ଗର୍ବର ବିଷୟ ବୋଲି ମନ୍ତ୍ରୀ ନିଜ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏଭଳି ମିଳନ କେବଳ ଏକ ସାଧାରଣ ସାକ୍ଷାତ ନୁହେଁ, ବରଂ ସମାଜର ଏକତା, ପରସ୍ପର ପ୍ରତି ବିଶ୍ୱାସ ଓ ସହଯୋଗର ପ୍ରତୀକ ବୋଲି ସେ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ସଂସ୍କୃତି ଓ ପରମ୍ପରା ହିଁ ଏକ ସମାଜର ପ୍ରକୃତ ପରିଚୟ। ଏହି ପରିଚୟକୁ ଭୁଲିଗଲେ କୁଇ ସମାଜ ନିଜର ମୂଳଠାରୁ ଦୂରେଇଯିବାର ଆଶଙ୍କା ରହିଛି। ତେଣୁ ପୂର୍ବପୁରୁଷଙ୍କ ଦ୍ୱାରା ଗଢ଼ି ଉଠିଥିବା ପ୍ରାଚୀନ ଓ ସମୃଦ୍ଧ ପରମ୍ପରାକୁ ବଂଚାଇ ରଖିବା ସହ ଏହାର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ।

ଆଗାମୀ ପିଢ଼ିକୁ ନିଜ ସମାଜର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ନୂତନ ପିଢ଼ିକୁ ଏହି ପରମ୍ପରାର ମହତ୍ତ୍ୱ ବୁଝାଇବା ସହ ଏହା ସମ୍ପର୍କରେ ସଠିକ୍ ଜ୍ଞାନ ଦେବା ଆମର କର୍ତ୍ତବ୍ୟ। ଏଥିପାଇଁ ବର୍ତ୍ତମାନର ପିଢ଼ିକୁ ଶିକ୍ଷା ଓ ସଚେତନତା ମାଧ୍ୟମରେ ଏହି ଐତିହ୍ୟକୁ ଜୀବନ୍ତ ରଖିବାକୁ ହେବ ବୋଲି ସେ ମତ ଦେଇଛନ୍ତି।

ବିଶେଷକରି କ୍ଲାମ୍ବୁ ଓ ଗୋତ୍ର ବ୍ୟବସ୍ଥା ସମ୍ପର୍କରେ ଆଗାମୀ ପିଢ଼ିକୁ ସଠିକ୍ ଜ୍ଞାନ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ ବୋଲି ମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା କୁଇ ସମାଜର ପରମ୍ପରା ଓ ସାଂସ୍କୃତିକ ପରିଚୟ ଭବିଷ୍ୟତରେ ମଧ୍ୟ ଅକ୍ଷୁଣ୍ଣ ରହିପାରିବ।

# ବ୍ରଜରାଜନଗରରେ ବହୁବିଧ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ରାଜସ୍ୱ ମନ୍ତ୍ରୀ

ଝାରସୁଗୁଡ଼ା,୧୨/୧୦ (ନି.ପ୍ର): ବ୍ରଜରାଜନଗର ପୌରପରିଷଦ ଅଂଚଳର ଭିତ୍ତିଭୂମି ବିକାଶ ତଥା ସାମଗ୍ରିକ ଉନ୍ନତି ପାଇଁ ଆଜି ଏକାଧିକ ଜନହିତକର ପ୍ରକଳ୍ପର ଶୁଭ ଉଦଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାୟ ୮ କୋଟି ଟଙ୍କା ବ୍ୟୟଅଟକଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଅଂଚଳବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରି ୩.୬୦ କୋଟି ଟଙ୍କା ବିନିମୟରେ ନୂତନ ଆମିଷ ମାର୍କେଟ କମ୍ପ୍ଲେକ୍ସ ଏବଂ ୩.୪୨ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ପାଠାଗାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅତ୍ୟାଧୁନିକ ପାଠାଗାର ନିର୍ମାଣ ଦ୍ୱାରା ସ୍ଥାନୀୟ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇପାରିବେ ଏବଂ ସାଧାରଣ ପାଠକମାନେ ମଧ୍ୟ ବିଶେଷ ଭାବରେ ଉପକୃତ ହେବେ। ଏହା ସହିତ ଲଜକୁରା ଠାରେ ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରଥମ ପର୍ଯ୍ୟାୟ ଗୋଶାଳାର ଶୁଭ ଉଦଘାଟନ ହୋଇଛି।

ସେହିପରି ଗୋଲ ଛକ ଠାରେ ୪୦ ଲକ୍ଷ ଟଙ୍କା ବିନିମୟରେ ଆଧୁନିକୀକରଣ କରାଯାଇଥିବା ଡ୍ରାମା ପେଣ୍ଡାଲ ଏବଂ ଗାନ୍ଧୀ ଛକ ଠାରେ ୨୩.୫ ଲକ୍ଷ ଟଙ୍କା ବ୍ୟୟରେ ନବୀକରଣ ହୋଇଥିବା ନୂତନ ଗୋଷ୍ଠୀ କେନ୍ଦ୍ର ତଥା ପେଣ୍ଡାଲକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ଡ୍ରାମା ପେଣ୍ଡାଲର ଉନ୍ନତୀକରଣ ଫଳରେ ଅଂଚଳର କଳା, ସଂସ୍କୃତି ଓ ନାଟ୍ୟପ୍ରେମୀଙ୍କ ପାଇଁ ଏକ ଉପଯୁକ୍ତ ମଂଚ ସୃଷ୍ଟି ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୁନୀଲ କୁମାର ଦାଶ, ବ୍ରଜରାଜନଗର ପୌରପାଳିକାର ଭାରପ୍ରାପ୍ତ ନଗରପାଳ କ୍ରିଷ୍ଣାଗୋପାଲ ସିତାନି, କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଏବଂ ଏସଡିପିଓ ଚିନ୍ତାମଣି ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ରୁଦ୍ର ନାରାୟଣ ଭୋଇ, ଗିରିଶ ତନସନା, ମୀନା ନାୟକ, ଦ୍ରୌପଦୀ ମେହେର, ନିକିତା ସେଠ୍ ଏବଂ ରୁନୁ ବାଗଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ସାପ୍ତାହିକ ଭାଗବତ ପାରାୟଣ ଉଦ୍‌ଯାପନ ପର୍ବ

କେନ୍ଦୁଝର,୧୨/୧୦ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ଅନ୍ତର୍ଗତ ଝାରପଲମ ପଂଚାୟତର ବିଜାହାଏନ ଗ୍ରାମ ଭାଗବତ ଟୁଙ୍ଗିରେ ସାପ୍ତାହିକ ଭାଗବତ ପାରାୟଣ ଉଦ୍ ଯାପିତ ହୋଇ ଯାଇଛି।କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ, ପୂଜାରୀ ମହାରାଜ ଶରତ ହୋତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ମୁଖ୍ୟ କର୍ତ୍ତା ସୁବାସ ଭୋଇ ମୁଖ୍ୟ କର୍ତ୍ତ୍ରୀ ମୀରା ଭୋଇଙ୍କ ସହଯୋଗରେ ପ୍ରଥମେ ସୂର୍ଯ୍ୟ ପୂଜା,ବୃନ୍ଦାବତୀ ପୂଜା ଓ ଗୁରୁ ପୂଜା ସମ୍ପନ୍ନ କରି ଭାଗବତ ଗାଦି ପୂଜାର୍ଚ୍ଚନା ପୂର୍ବକ ଦ୍ୱାଦଶ ସ୍କନ୍ଧ ଭାଗବତ ପାରାୟଣ ଆରମ୍ଭ କରାଗଲା ।ଗ୍ରାମର ଆବାଳ ବୃଦ୍ଧ ବନିତା ତଥା ଦୂରଦୂରାନ୍ତରୁ ଆସିଥିବା ଶତାଧିକ ଭାଗବତ ଭକ୍ତ ଏବଂ ଆଦାନୀ କୋଲ ମିନେରାଲ ଲିମିଟେଡର କର୍ମଚାରୀ ବୃନ୍ଦ ଶ୍ରଦ୍ଧାର ସହିତ ଭାଗବତ ଶ୍ରବଣ କରୁଥିଲେ ।ପରିଶେଷରେ ଗୀତା ଯଜ୍ଞ କରାଯାଇ ଭାଗବତ ଯଜ୍ଞର ପୂର୍ଣ୍ଣାହୁତି ତଥା ହରିହାଟ କରାଯାଇ ଥିଲା ।ଗୀତା ପାଠ କଲେ ଆଚାର୍ଯ୍ୟ ଦାଶରଥି ପ୍ରଧାନ ।ଆଜିର କାର୍ଯ୍ୟକ୍ରମରେ ଦୁଃଖୁ ଭୋଇ, ହଳଧର ବିଶ୍ୱାଳ,ଡିଗ୍ରୀ ଭୋଇ, ଗିରିଧାରୀ ଶା,ହରିହର ଭୋଇ, ଲିଙ୍ଗରାଜ ଭୋଇ, ଜନକ ରାମ ମାଝୀ,ବେଣୁଧର ବିଶ୍ୱାଳ, ମୁକେଶ ମେହେର,ପଂଚାନନ ଭୋଇ, ଚକ୍ରଧର ବିଶ୍ୱାଳ,ଦଶରଥ ବିଶ୍ୱାଳ, ଲୋକେଶ୍ୱର ବିଶ୍ୱାଳ, ଭୀଷ୍ମ ଦେହେରୀ, ସଞ୍ଜୟ ଦେହେରୀ, ପୂର୍ଣ୍ଣ ଚନ୍ଦ୍ର କହଁର,ଭାଗବତିଆ ବଡେକ ଏବଂ ଚେତାବତି ଭୋଇ, ଟଭା ପ୍ରଧାନ, ଗୌରୀ ମେହେର, ଶ୍ରୀୟା ମାଝୀ, ଭଗବତୀ ଭୋଇ, ଉର୍ମିଳା ଭୋଇ, ରୋହିଣୀ ମେହେର ପ୍ରମୁଖ ମାତୃ ମଣ୍ଡଳୀ ଭକ୍ତ ବୃନ୍ଦ ସକ୍ରିୟ ସହ ଯୋଗ କରିଥିଲେ ।

# ସାହିତ୍ୟ ଉତ୍ସବ ଅନୁଷ୍ଠିତ

ଗଂଜାମ,୧୨/୧୦ (ନି.ପ୍ର): ପବିତାଘର ଲିଟେରାରୀ ଟ୍ରଷ୍ଟ ଦ୍ୱାଦଶ ସାହିତ୍ୟ ଉତ୍ସବ କେ ସି ପବ୍ଲିକ ସ୍କୁଲ ସଭାଗୃହ ଠାରେ ଆୟୋଜିତ ହୋଇଯାଇଅଛି । କବିତା ପର୍ବରେ ଉଦ୍ଘାଟକ ସାହିତ୍ୟ ସଂଗଠକ ଶ୍ୟାମ ପ୍ରସାଦ ମିଶ୍ର, ବ୍ରହ୍ମପୁର, ସମ୍ମାନୀତ ବକ୍ତା ଲେଖକ ଓ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ, ରାୟଗଡ, ନିମନ୍ତ୍ରିତ ଅତିଥି ବିଶିଷ୍ଟ କବି ବିଦେଶୀ ନାୟକ, ଦାରିଙ୍ଗବାଡି, ସ୍ୱତନ୍ତ୍ର ଅତିଥି ଲେଖକ ଓ ଅଭିନେତା ପ୍ରହ୍ଲାଦ ବେହେରା, ଗଞ୍ଜାମ ଓ ଶିକ୍ଷା ପ୍ରଶାସକ ଅବିନାଶ ଶତପଥୀ, ସଂଯୋଜକ - ଲେଖକ ଓ ସୁବକ୍ତା ଗୋପୀନାଥ ଦାଶ, ଖୋର୍ଦ୍ଧା, ସଂଯୋଜିକା ଲେଖିକା ଜ୍ୟୋତ୍ସ୍ନାରାଣୀ ଦେବୀ, ବ୍ରହ୍ମପୁର କବି ଓ ନାଟ୍ୟକାର ପ୍ରହ୍ଲାଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ସମ୍ବର୍ଦ୍ଧନା ପର୍ବରେ ମୁଖ୍ୟ ଅତିଥି ଲେଖିକା ଓ ପ୍ରଶାସିକା ଡ ମମତାରାଣୀ ନାୟକ, ଭୁବନେଶ୍ୱରର, ସମ୍ମାନୀତ ବକ୍ତା ବିଶିଷ୍ଟ ସମ୍ପାଦକ ନିହାର ଶତପଥୀ, ସମ୍ପାଦକ ସାହିତ୍ୟ ଚର୍ଚ୍ଚା, ସ୍ୱତନ୍ତ୍ର ଅତିଥି ସାମ୍ବାଦିକ ଓ ସଂଗଠକ ଶ୍ରୀ ରବି ରଥ, ସଂପାଦକ ନବୀନ ଓ ସାହିତ୍ୟ ସଂଗଠକ ହୃଷିକେଶ ଗୌଡ, ଗଜପତି, ସଭାପତି ଆଇନଜୀବୀ ସୁଧାଂଶୁ ଶେଖର ସାହୁ , ଖଲ୍ଲିକୋଟ ଯୋଗଦେଇଥିଲେ ଯାହାକୁ ସଂଚାଳନ କରିଥିଲେ ସମ୍ପାଦକ ଭାଗୀରଥି ବେହେରା।

୨୦୨୬ ବର୍ଷ ନିମନ୍ତେ ରାଜ୍ୟସ୍ତରୀୟ କବି ସମ୍ମାନ କବି ସୁବାସ ଚନ୍ଦ୍ର ସାହୁ, ରାୟଗଡ଼ା, ଜିଲ୍ଲାସ୍ତରୀୟ କବି ସମ୍ମାନ କବି ବିଷ୍ଣୁ ପ୍ରସାଦ ଦାସ, ଲଙ୍ଗଳେଶ୍ୱର, ସ୍ୱର୍ଗତା ଦେବମଣି ସାହୁ ପୁସ୍ତକ ସ୍ମୃତି ସମ୍ମାନ କବି ଦୀନବନ୍ଧୁ ବେଜ, ମାଲକାନଗିରି, ପୁସ୍ତକ ବନଗିରି ଲତାଗିରି, ସ୍ୱର୍ଗତା ରୁକୁଣା ବେହେରା ପୁସ୍ତକ ସ୍ମୃତି ସମ୍ମାନ କବୀ କଳ୍ପନା କୁମାର ପ୍ରଧାନ, ଭଞ୍ଜନଗର, ପୁସ୍ତକ ସମନ୍ୱୟ, ସ୍ୱର୍ଗତା ପ୍ରମିଳା ସ୍ୱାଇଁ କବିତା ପୁସ୍ତକ ସ୍ମୃତି ସମ୍ମାନ କବୀ ସନ୍ଧ୍ୟାରାଣୀ ଦେବୀ, ଗଞ୍ଜାମ, ପୁସ୍ତକ ମୋ ଝର୍କାରୁ କୃଷ୍ଣଚୂଡ଼ା ଓ ଶ୍ରେଷ୍ଠ ସମ୍ପାଦକ ସମ୍ମାନ ଶ୍ରୀ ନିହାର ଶତପଥୀ, ସଂପାଦକ ସାହିତ୍ୟ ଚର୍ଚ୍ଚା ଆଦି ସମ୍ମାନରେ ସମ୍ମାନିତ ହୋଇଥିବା ବେଳେ ଭାଗୀରଥୀ କବିତାର ଗଙ୍ଗା ୨୦୨୬ ସମ୍ପାଦକ ଭାଗୀରଥି ବେହେରା, ଜୟା ବିଜୟା ଗଳ୍ପ ବାଟିକା ଗାଳ୍ପିକ ଶେଷଦେବ ବେହେରା, ନିଖୋଜ ନାୟିକାର ଇତିବୃତ ଔପନ୍ୟାସିକ ବାଲାଜି ସେଠୀ, ନୀଳକଇଁର ପୋଖରୀ ବୁଲା ଗାଳ୍ପିକା ସଂଧ୍ୟାରାଣୀ ଦେବୀ, ଝାଇଁକି ଝୁମ୍ପା ଗାଳ୍ପିକା ଜ୍ୟୋତ୍ସ୍ନାରାଣୀ ଦେବୀ ଓ ପୁଷି ମାଉସୀ ପଢୁଛି ବସି ଗାଳ୍ପିକା ଜ୍ୟୋତ୍ସ୍ନାରାଣୀ ଦେବୀଙ୍କ ବହି ଉନ୍ମୋଚନ ହୋଇଥିଲା।

# ଧୃରେନ ପଟ୍ଟନାୟକ ହେଲେ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ସଭାପତି

ମାଲକାନଗିରି,୧୨/୧୦ (ନି.ପ୍ର): ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘ ଫେଡେରେସନର ଉପସଭାପତି ବିଷ୍ଣୁ ନାରାୟଣ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର କାର୍ଯ୍ୟକାରୀ କମିଟି ଦ୍ୱାରା କଳାହାଣ୍ଡି ଦୃଢ ସଂଗଠକ ଧୃରେନ ପଟ୍ଟନାୟକ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ସଭାପତି ରୂପେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ପ୍ରକାଶ ଥାଉକି, ଗତ ୩୦.୬.୨୦୨୪ ରିଖରେ ସଂଗଠନର ପୂର୍ବତନ ସଭାପତି ରମଣୀ ରଞ୍ଜନ ତ୍ରିପାଠୀ କରିଥିବା ବୈଠକର ନିଷ୍ପତି କୁ ଅସାମ୍ବିଧାନିକ, ଅଗଣତାନ୍ତ୍ରିକ ଓ ଅବୈଧ ବୋଲି ଘୋଷଣା କରାଯାଇଥିଲା । ସଭାରେ ସଂଘୀୟ ବିଭାଜନ ପାଇଁ ସଭାପତି ଓ ରାଜ୍ୟ ସଂଯୋଜକ ସମ୍ବିଧାନ ଧାରା ୧୯ ଅନୁଯାୟୀ ସଂଗଠନକୁ ଭଙ୍ଗିକରଣ କରି ଶିକ୍ଷକ ମହଲରେ ଯେଉଁ ବିଭ୍ରାନ୍ତି ଓ ଆଶଙ୍କା ସୃଷ୍ଟି କରିଥିଲେ ଏବଂ ମହାସଚିବଙ୍କ ଅନୁପସ୍ଥିତିରେ ଷଡ଼ଯନ୍ତ୍ର କରି ସଂଗଠନକୁ ଭଙ୍ଗିକରଣ ଘୋଷଣା କରି ଗଣମାଧ୍ୟମ, ରାଜ୍ୟ ପ୍ରଶାସକଙ୍କୁ ଅବୈଧ ପ୍ୟାଡ଼ ପ୍ରସ୍ତୁତ କରି ଲିଖିତ ଆକାରରେ ପ୍ରଦାନ କଲେ ତାହା ଦ୍ୱାରା ଫେଡ଼େରେସନର ମର୍ଯ୍ୟଦା ଓ ଗୌରବ ନଷ୍ଟ କଲେ । ଏହାକୁ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ଘୋର ନିନ୍ଦା କରିଥିଲେ । ପୂର୍ବତନ ସଭାପତି ଶ୍ରୀ ତ୍ରିପାଠୀଙ୍କ ଏହି ଅସାମ୍ବିଧାନିକ କାର୍ଯ୍ୟକୁ ରାଜ୍ୟ ଫେଡେରେସନର ପୂର୍ବତନ ସଂଯୋଜକ ଉପସ୍ଥିତ ରହି ପୂର୍ଣ ସହଯୋଗ ଓ ପ୍ରୋସାହନ ଦେଇଥିବାରୁ ଉପସ୍ଥିତ ପ୍ରତ୍ୟେକ ଜିଲ୍ଲା ରାଜ୍ୟ କର୍ମକର୍ତ୍ତା ଉଭୟଙ୍କୁ ପଦରହିତ କରି ବହିଷ୍କାର କରିବା ପାଇଁ ଅନୁରୋଧ କରିଥିଲେ । ରାଜ୍ୟ ଉପସଭାପତି ତଥା ଆଜିକା ସଭାର ସଭାପତି ଉପସ୍ଥିତ ଫେଡ଼େରେସନର ଉପଦେଷ୍ଟା ସମ୍ବିଧାନ ସମୀକ୍ଷକମାନଙ୍କ ନିଷ୍ପତି ଜଣାଇବାକୁ ପରାମର୍ଶ ଲୋଡ଼ିଥିଲେ । ଉପଦେଷ୍ଟା ମଣ୍ଡଳୀ ଓ ସମ୍ବିଧାନ ସମୀକ୍ଷକ ସମ୍ବିଧାନର ଧାରା ୫୭ ଅନୁଯାଯୀ ରାଜ୍ୟ ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ୩ ବର୍ଷ ବୋଲି ପ୍ରକାଶ କରିଥିଲେ । ସଭାପତି ସମସ୍ତଙ୍କ ପରାମର୍ଶରେ ସର୍ବସମ୍ମତିକ୍ରମେ ପୂର୍ବତନ ସଭାପତି ରମ ରଞ୍ଜନ ତ୍ରିପାଠୀ ଓ ପୂର୍ବତନ ରାଜ୍ୟ ସଂଯୋଜକ ଜ୍ୟୋତିରଞ୍ଜନ ଦାସଙ୍କୁ ପଦଉହିତ ଘୋଷଣା କରିଥିଲେ । ରାଜ୍ୟ ଫେଡ଼େରେସନର ମହାସଚିବଙ୍କ ଅନୁପସ୍ଥିତି ସମୟତକ ରାଜ୍ୟ ଉପ ସଭାନେତ୍ରୀ ସୁକାନ୍ତି ସାହୁ କାର୍ଯ୍ୟ ତୁଲାଇବା ପାଇଁ ସର୍ବସମ୍ମତି ପ୍ରକାଶ ପାଇଥିଲା । ପୁନଶ୍ଚ ରାଜ୍ୟ ଫେଡ଼େରେସନର ସଂଯୋଜକ ଭାବେ କଟକ ଜିଲ୍ଲାର ସଭାପତି ମନୋଜ କୁମାର ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଗଲା । କୋରାପୁଟ ଜୋନର ଉପସଭାପତି ରଞ୍ଜିତ ନାୟକ ଏବଂ ଆଂଚଳିକ ସମ୍ପାଦକ ଗୋପାଳ ମିଶ୍ରଙ୍କ ସଂଘ ବିରୋଧ କାର୍ଯ୍ୟକଳାପ ପାଇଁ ତାଙ୍କୁ ପଦରହିତ କରାଗଲା । କୋରାପୁଟ ଜୋନର ଦୃଢ ସଂଗଠକ ସୁରେନ୍ଦ୍ର କୁଲଦୀପଙ୍କୁ ରାଜ୍ୟ ଉପସଭାପତି ରୂପେ ସର୍ବସମ୍ମତିକ୍ରମେ ମନୋନୀତ କରାଗଲା । ଶେଷରେ ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ରନାଥ ଯେନା ଓ ସମସ୍ତ ଉପଦେଷ୍ଟା ମଣ୍ଡଳୀ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟସଭ୍ୟାମାନଙ୍କୁ ବୈଠକର ସଭାପତିଙ୍କୁ ସୁଜିତ ସାବତ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଶିକ୍ଷା ବିକାଶ ସମିତି ବଲାଙ୍ଗୀର ଜିଲ୍ଲାର ବିଦ୍ୱତ୍ ପରିଷଦର ଆଲୋଚନା ଚକ୍ର

ବଲାଙ୍ଗିର,୧୨/୧୦ (ନି.ପ୍ର): ଆଜି ବଲାଙ୍ଗୀରର କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି, ବଲାଙ୍ଗୀର ଜିଲ୍ଲାର ବିଦ୍ୟୁତ ପରିଷଦର ଏକ ଆଲୋଚନା ଚକ୍ର ଡ. ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ରୁପେ ଅବସରପ୍ରାପ୍ତ ଓଡିଆ ଅଧ୍ୟାପିକା ଡ. ଆରତୀ ତ୍ରିପାଠି ଯୋଗ ଦେଇଥିଲେ । ସମବେତ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀ ଶ୍ରୀମୟୀ ପଣ୍ଡା, ଦୀପନ୍ୱିତା ଦାସ ଓ ସାନଭି ପ୍ରିୟଦର୍ଶିନି ବିଶ୍ୱାଳ ଗାନ କରିଥିଲେ ।ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର,ଓ ସ୍ୱାଗତ ଭାଷଣ ସମ୍ଭାଗ କୋଷାଧକ୍ଷ ଦତ୍ତାନନ୍ଦ ପଣ୍ଡା ଉଦ ।ଦେଶ୍ୟ ଜ୍ଞାପନ ଜିଲ୍ଲା ପ୍ରମୁଖ ରାମକୁମାର ମିଶ୍ର କରିଥିଲେ । ସଭାପତି ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଆଦ୍ୟାଶକ୍ତି ନାରୀ ସଂଗଠନର ସଭାପତି ମାଳତୀ ଉଦ୍ଗାତା,ଅବସର ପ୍ରାପ୍ତ ପୂର୍ବତନ ବି.ଇ.ଓ. କୁମୁଦିନୀ ମିଶ୍ର, ଶିକ୍ଷୟତ୍ରୀ ପ୍ରିୟମ୍ବଦା ମିଶ୍ର, ଅବସର ପ୍ରାପ୍ତ ରାଜେନ୍ଦ୍ର ମହାବିଦ୍ୟାଳୟର ଅଧକ୍ଷ ଅଭିମନ୍ୟୁ ମିଶ୍ର, ସମାଜସେବି ରାଜେଶ ତ୍ରିପାଠୀ ତଥା ଆର୍ନ୍ୟାନ୍ୟ ବରୀଷ୍ଟ ବୁଦ୍ଧିଜୀବି ନାରୀ ସଶକ୍ତି କରଣ ଉପରେ ଆଲୋଚନା କରିଥିଲେ । ପରେ ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ନାରୀ ସମ୍ମାନ, ସୁରକ୍ଷା ଓ ସଶକ୍ତୀ କରଣ ଉପରେ ମହତ୍ତ୍ୱପୂର୍ଣ୍ଣ ବିଚାର ସର୍ବ।ଗ୍ରେ ରଖିଥିଲେ । ମଂଚାସୀନ ଅନ୍ୟତମ ଅତିଥିଙ୍କ ମଧ୍ୟରେ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ରବିନ।ଦ।ର ପଣ୍ଡା, ତରଣୀସେନ ପଟେଲ ଆଦି ଉପସ୍ଥିତ ଥିଲେ । ଏହାପରେ ସଭାପତି ନିଜର ଆର୍ଶିବଚନ ସହ ଧନ୍ୟବାଦ ଜ୍ଞାପନ କରିଥିଲେ । ଭାରତୀ ସାହୁ,ମମତା ଭୋଇ ଓ ନୀରୁପମା ପାଣିଗ୍ରାହୀ ମଂଚ ପରିଚାଳନା କରିଥିବା ବେଳେ ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ । ଏହି ଶୁଭାବସରରେ କଦମପଡା ଶିଶୁମନ୍ଦିରର ବାଟିକା ବିଭାଗରେ ବିଭାଗ ପ୍ରମୁଖ ବିଦ୍ୟୁତ ଲତା କରଙ୍କ ତତ୍ତ୍ୱାବଧାନରେ ଏକ ମାତୃ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି । ସନାତନ ଠାକୁର, ଡ.ଆରତୀ ତ୍ରିପାଠୀ, ରବିନ୍ଦ୍ର ପଣ୍ଡା, ତରଣି ସେନ ପଟେଲ ଆଦି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ । ଗୁରୁମା ସୋଭାଗିନି ମିଶ୍ରଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ବିଦ୍ୟାଳୟର ମାତୃଭାରତୀ ସଂଗଠନ ସକ୍ରିୟ ସହଯୋଗ ପ୍ରଦାନ କରିଥିଲା ।

# ଆନ୍ତର୍ଜାତୀୟ ବାଳିକା ଦିବସରେ ସଚେତନତା ରାଲି ଓ ଶପଥପାଠ

ସମ୍ବଲପୁର,୧୨/୧୦ (ନି.ପ୍ର): ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ 'ବାଲ୍ୟବିବାହର ଅନ୍ତ ଓ ବାଳିକାଙ୍କ ଅଧିକାରରେ ବିନିଯୋଗ' ବାର୍ତ୍ତା ନେଇ ରବିବାର ସମ୍ବଲପୁରରେ ଏକ ସଚେତନତା ରାଲି ଓ ସଭା ଅନୁଷ୍ଠିତ ହୋଇଥିଲା। ଜୁଭେନାଇଲ ଜଷ୍ଟିସ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ବଲପୁର ପୁଲିସ ପକ୍ଷରୁ ତପସ୍ୱିନୀ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଳିକାଙ୍କ ଅଧିକାର ସୁରକ୍ଷା, ବାଲ୍ୟବିବାହ ନିରାକରଣ ଓ ସମାଜରେ ବାଳକମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରବିବାରସକାଳ ୯ଟା ୩୦ରେ ରିଜର୍ଭ ପୋଲିସ ପଡ଼ିଆରୁ ଏକ ସଚେତନତା ରାଲି ବାହାରି ଫେୟାର ଷ୍ଟେସନ, ଲକ୍ଷ୍ମୀ ଟକିଜ୍, ଜିଲ୍ଲା ସ୍କୁଲ ରୋଡ୍, ପବ୍ଲିକ୍ ଲାଇବ୍ରେରୀ ଓ ପାନ୍ଥନିବାସ ଦେଇ ତପସ୍ୱିନୀ ହଲ୍ରେ ପହଂଚିଥିଲା। ରାଲିରେ ବାଲ୍ୟବିବାହ ବିରୋଧୀ ଓ ବାଳିକାଙ୍କ ଅଧିକାର ସପକ୍ଷରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସଭାରେ ଡିଏସ୍ପି ତାରାବତୀ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡା. ରାଜାରାମ ଷଡ଼ଙ୍ଗୀ ବାଳିକାଙ୍କ ପ୍ରତି ବାଳକମାନଙ୍କ ସାମାଜିକ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବାଳିକାଙ୍କୁ ସମ୍ମାନ ଦେବା, ସେମାନଙ୍କ ସ୍ୱାଧୀନତା ଓ ଅଧିକାରକୁ ସ୍ୱୀକୃତି ଦେବା ସହ ଲିଙ୍ଗଗତ ଭେଦଭାବ ଦୂର କରିବାରେ ବାଳକମାନେ ସକାରାତ୍ମକ ଭୂମିକା ନିର୍ବାହ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଏଡ୍‌ଏଟ୍ ଆକ୍ସନ ଓ ୟୁନିସେଫ୍ ଜିଲ୍ଲା ସଂଯୋଜିକା ସୁନିତା ତ୍ରିପାଠୀ ବାଳକମାନଙ୍କ ସହଯୋଗରେ ବାଳିକାଙ୍କ ଅଧିକାର ସୁନିଶ୍ଚିତ କରିବା ଉପରେ ମତ ରଖିଥିଲେ। ନଗର ସିଡିପିଓ ମିନତୀ ପାଣିଗ୍ରାହୀ ବାଲ୍ୟବିବାହକୁ ନା କହିବା ସହ ଏହାର ନିରାକରଣ ପାଇଁ ରହିଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ଆନ୍ତର୍ଜାତୀୟ ବାଳିକା ଦିବସର ଗୁରୁତ୍ୱ ଓ ବାଳିକା ଶିକ୍ଷାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ସମ୍ବଲପୁରର ଅଦ୍ୱିକା ଲିଡର ହରିଓମ ମାଝୀ ନିଜ ଅଭିଜ୍ଞତା ବାଂଟିବା ସହ ପ୍ରତ୍ୟେକ ବାଳିକାଙ୍କ ପ୍ରତି ନିଜ ଭଉଣୀ ପରି ସମ୍ମାନ ଓ ସମ୍ବେଦନଶୀଳତାର ଭାବ ରଖିବାକୁ ବାଳକମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ଉପସ୍ଥିତ ସମସ୍ତେ ବାଲ୍ୟବିବାହ ରୋକିବା, ବାଳିକାଙ୍କ ଶିକ୍ଷା ଓ ଅଧିକାରର ସୁରକ୍ଷା କରିବା ଏବଂ ସମାନତାଭିତ୍ତିକ ସମାଜ ଗଠନ ପାଇଁ ଶପଥପାଠ କରିଥିଲେ। ଶେଷରେ ଡିଏସ୍ପି ତାରାବତୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ରାଣୀତାଲ ଡାକ୍ତରଖାନା ରାସ୍ତା ମରଣଯନ୍ତା

ଭଦ୍ରକ,୧୨/୧୦ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ରାଣୀତାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। ଜାତୀୟ ରାଜପଥରୁ ଡାକ୍ତରଖାନାକୁ ଯାଇଥିବା ରାସ୍ତା ଏବେ ପାଲଟିଛି ମରଣ ଯନ୍ତା। ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକମାନେ ଖଣ୍ଡିଆ ଖାବରା ହେଉଛନ୍ତି। ରାସ୍ତା ତୀକ୍ଷ୍ଣ ଓ ଖାଲ ଢିପରେ ପୁରି ଥିବା ଯୋଗୁ କେବଳ ଯେ ଗାଡି ବାଲା ଦୁର୍ଘଟଣାର ଶିକାର ହେଉଛନ୍ତି ତାହା ନୁହଁ ଚାଲି ଚାଲି ଯାଉଥିବା ବୃଦ୍ଧ ଓ ସ୍ତ୍ରୀ ଲୋକ ମାନେ ପଡି ଆହତ ହେଉଥିବା ଜଣାପଡିଛି।

# ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ପଞ୍ଚମ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ



ବାଲେଶ୍ୱର, ୧୨/୧୦ (ନି.ପ୍ର): ବରିଷ୍ଠ ନାଗରିକମାନଙ୍କୁ ଦେଶର ପ୍ରମୁଖ ଧାର୍ମିକ ଓ ଆଧ୍ୟାତ୍ମିକ ସ୍ଥଳ ପରିଦର୍ଶନର ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଚଳିତ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭' ଅନ୍ତର୍ଗତ ପଞ୍ଚମ ତୀର୍ଥଯାତ୍ରା ଆଜି ମଧ୍ୟାହ୍ନ ୧୨ଟା ସମୟରେ ବାଲେଶ୍ୱର ରେଳଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରୁ ଶୁଭାରମ୍ଭ ହୋଇଛି। ରାଜ୍ୟର ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରେମୁଣା ବିଧାୟକ ଏବଂ ବାଲେଶ୍ୱର ସଦର ବିଧାୟକ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ।

ଆଜିକାର ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ, ଓଡ଼ିଶା ସରକାର ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ତାଙ୍କ ସହିତ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବିଧାୟକ ମାନସ କୁମାର ଦତ୍ତ, ମାନ୍ୟବର ସଭାପତି, ବାଲେଶ୍ୱର ଜିଲ୍ଲାପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ମାନ୍ୟବର ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱଜିତ ବେହେରା, ପର୍ଯ୍ୟଟନ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଇଆରସିଟିସି ଶ୍ରୀଯୁକ୍ତ ସଂଘମିତ୍ରା ରାଉଳଙ୍କ ସହିତ ଅନେକ ଜିଲ୍ଲା ପ୍ରଶାସନର ଅଧିକାରୀ ଗଣ ଉପସ୍ଥିତ ଥିଲେ ।

ଏହି ତୀର୍ଥଯାତ୍ରାରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରୁ ମୋଟ ୮୦୦ ଜଣ ଯାତ୍ରୀ ଅଂଶଗ୍ରହଣ କରିଛନ୍ତି । ସେଥିମଧ୍ୟରେ ୭୭୫ ଜଣ ବରିଷ୍ଠ ନାଗରିକ ଏବଂ ୨୫ ଜଣ ସହାୟକ ରହିଛନ୍ତି। ବରିଷ୍ଠ ତୀର୍ଥ ଯାତ୍ରୀ ମାନଙ୍କ ବୟସ ୬୦ ରୁ ୭୫ ବର୍ଷ ମଧ୍ୟରେ ରହିଛି । ଏହି ଯାତ୍ରାରେ ତୀର୍ଥଯାତ୍ରୀମାନେ ଉତ୍ତରପ୍ରଦେଶର ଦୁଇ ପ୍ରମୁଖ ଧାର୍ମିକ ସ୍ଥଳ ଅଯୋଧ୍ୟା ଓ ବାରାଣସୀ ପରିଦର୍ଶନ କରିବେ। ଏହି ପବିତ୍ର ତୀର୍ଥସ୍ଥଳଗୁଡ଼ିକର ଦର୍ଶନ ମାଧ୍ୟମରେ ବରିଷ୍ଠ ନାଗରିକମାନେ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବା ସହ ନିଜର ଧାର୍ମିକ ଭାବନାକୁ ପରିପୂରଣ କରିବାର ସୁଯୋଗ ପାଇବେ।

ଯାତ୍ରା ସମୟରେ ତୀର୍ଥଯାତ୍ରୀମାନଙ୍କ ପାଇଁ ରେଳ ଟିକେଟ୍, ଖାଦ୍ୟପେୟ, ରହଣି ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଆଇ. ଆର. ସି. ଟି. ସି. ପକ୍ଷରୁ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ବରିଷ୍ଠ ନାଗରିକମାନେ ନିରାପଦ ଓ ସୁବିଧାଜନକ ଭାବରେ ତୀର୍ଥସ୍ଥଳ ପରିଦର୍ଶନ କରିପାରିବେ। ତୀର୍ଥଯାତ୍ରାରେ ଯୋଗଦେବା ପାଇଁ ଆସିଥିବା ଯାତ୍ରୀମାନଙ୍କ ରହିବା ବ୍ୟବସ୍ଥା ଗତ ୧୧ ଅକ୍ଟୋବରରେ ବାଲେଶ୍ୱରସ୍ଥିତ ପଦ୍ମାବତୀ ପାର୍କଠାରେ କରାଯାଇଥିଲା। ଆଜି ଯାତ୍ରା ଆରମ୍ଭ ପୂର୍ବରୁ ବାଲେଶ୍ୱର ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ତୀର୍ଥଯାତ୍ରୀମାନଙ୍କୁ ରେଳ ଟିକେଟ୍ ସହ ଯାତ୍ରା ସମୟରେ ଆବଶ୍ୟକ ହେଉଥିବା ଯାତ୍ରା କିଟ୍ ପ୍ରଦାନ କରାଯାଇଥିଲା। ଏହା ସହିତ ଯାତ୍ରା ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଓ ଉପଲବ୍ଧ ସୁବିଧାର ସଦୁପଯୋଗ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ତୀର୍ଥଯାତ୍ରାର ଉଦ୍ଦେଶ୍ୟ ହେଉଛି ବରିଷ୍ଠ ନାଗରିକମାନଙ୍କୁ ତୀର୍ଥସ୍ଥଳ ପରିଦର୍ଶନର ସୁଯୋଗ ଦେବା ସହ ସେମାନଙ୍କ ଜୀବନରେ ଆଧ୍ୟାତ୍ମିକ ଆନନ୍ଦ ଓ ସନ୍ତୋଷ ଆଣିବା। ଏହି ଯାତ୍ରା ସମାପ୍ତ କରି ତୀର୍ଥଯାତ୍ରୀମାନେ ଆସନ୍ତା ୧୭ ଅକ୍ଟୋବର ୨୦୨୬ରେ ବାଲେଶ୍ୱର ଫେରିବେ।

## ୮୧ବର୍ଷ ବୟସ୍କ ବିଧବା ମା'ଙ୍କୁ ମିଳୁଛି ୧ହଜାର ଟଙ୍କା ଭତ୍ତା

ଉଦଳା, ୧୨/୧୦ (ନି.ପ୍ର): ଖୁଂଟା ବ୍ଲକର ବାହନଡ଼ା ପଂଚାୟତ ଅନ୍ତର୍ଗତ ବାନ୍ଧଗଡ଼ା ଗ୍ରାମର ବାସିନ୍ଦା ସ୍ୱର୍ଗତଃ ରାମହରି ମୁର୍ମୁଙ୍କର ସହଧର୍ମିଣୀ ଯାଉନା ମୁର୍ମୁ ମାସିକ ୧ହଜାର ଟଙ୍କା ଭତା ପାଉଥିବାର ଜଣାଇଛନ୍ତି । ଆଧାର ଓ ଭୋଟ ପରିଚୟପତ୍ର ଉଭୟଥିରେ ଉଲ୍ଲେଖଥିବା ଜନ୍ମ ତାରିଖ ଅନୁସାରେ ଯାଉନା ବର୍ତମାନ ୮୧ବର୍ଷ ବୟସରେ ପଦାର୍ପଣ କଲେ । ୮୦ବର୍ଷ ବୟସରୁ ଉର୍ଦ୍ଧ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମାସିକ ୩୫୦୦ଟଙ୍କା ଭତା ପ୍ରଦାନ କରାଯାଉଛି ବୋଲି ସରକାର ଘୋଷଣା କରିଛନ୍ତି । କିନ୍ତୁ ବିଧବା ମା' ଯାଉନା ଏହା ପାଇବାରୁ କାହିଁକି ବଂଚିତ ଅଛନ୍ତି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁ ନାହାଁନ୍ତି ବୋଲି ଯାଉନା ଅଭିଯୋଗ କରିଛନ୍ତି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଯାଉନା ଜଣେ ଆଦିବାସୀ ବିଧବା ମା' ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେପି ରାଷ୍ଟ୍ରୀୟ ସହ ସାଧାରଣ ସମ୍ପାଦକ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସହ ସାଧାରଣ ସମ୍ପାଦକ (ସଂଗଠନ) ସୌଦାନ ସିଂହଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ରାଜ୍ୟରେ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା, ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଶେଷ ଧାଡ଼ି ପର୍ଯ୍ୟନ୍ତ ପହଂଚାଇବା ତଥା ରାଜ୍ୟର ସାମଗ୍ରିକ ବିକାଶ ସମ୍ପର୍କରେ ଫଳପ୍ରଦ ବିଚାରବିମର୍ଶ ହେଲା। ତାଙ୍କର ଦୀର୍ଘ ସାଙ୍ଗଠନିକ ଅଭିଜ୍ଞତା ଓ ମାର୍ଗଦର୍ଶନ ଆମ ସମସ୍ତ କାର୍ଯ୍ୟକର୍ତାଙ୍କୁ ନୂତନ ଶକ୍ତି ଓ ଉତ୍ସାହ ପ୍ରଦାନ କରିବ।

# ଜେଏନ୍‌ୟୁ ପ୍ରଫେସରଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ: କଂଗ୍ରେସର ନୀରବତାକୁ ନେଇ ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ




ବାଲେଶ୍ୱର, ୧୨/୧୦ (ନି.ପ୍ର): ଜେଏନ୍‌ୟୁର ପ୍ରଫେସର ତଥା ମଣିପୁର ଇନର ଲୋକସଭା ଆସନର କଂଗ୍ରେସ ସାଂସଦ ପ୍ରଫେସର ଅଙ୍ଗୋମଚା ବିମଲ ଆକୋଇଜାମଙ୍କ ବିରୋଧରେ ୧୧ ଜଣ ଛାତ୍ରୀ ଆଣିଥିବା ଯୌନ ଉତ୍ପୀଡ଼ନ ଅଭିଯୋଗ ଏବଂ ବିଭାଗୀୟ ପ୍ରାଥମିକ ତଦନ୍ତରେ ଏହାର ସତ୍ୟତାକୁ ସ୍ୱୀକାର କରି ଜେଏନ୍‌ୟୁରୁ ନିଲମ୍ବିତ କରାଯାଇଛି। କିନ୍ତୁ ଯେଉଁ ଦଳର ସାଂସଦ ସେହି କଂଗ୍ରେସ ଦଳ ନିରବତା ଅବଲମ୍ବନ କରିଛି। ଏହି ମାମଲାରେ କଂଗ୍ରେସ ନେତୃତ୍ୱର ନୀରବତାକୁ ବିରୋଧ କରି ବାଲେଶ୍ୱରରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଆଜି ଏକ ପ୍ରତିବାଦ ପ୍ରଦର୍ଶନ କରାଯାଇଛି।
ବାଲେଶ୍ୱରର ସେବା ଜ୍ୟୋତି ଛକଠାରେ ଆୟୋଜିତ ଏହି ବିକ୍ଷୋଭରେ ଶତାଧିକ ମହିଳା କର୍ମୀ ଯୋଗଦେଇ କଂଗ୍ରେସ ଦଳ ଓ ଏହାର ନେତୃତ୍ୱ ବିରୋଧରେ ନାରାବାଜି କରିଥିଲେ। ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଏହି ପ୍ରତିବାଦରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଉପସଭାପତି ବିଜୟ ସାହୁ, ସମ୍ପାଦକ ରବିତା ଦାସ, ଚିତ୍ତରଞ୍ଜନ ପଣ୍ଡା ଓ ରାଜେଶ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମଧୁଶ୍ରୀ ପଣ୍ଡା, କମଳା ବିନ୍ଧାଣୀ, ପ୍ରିୟାରାଣୀ ମଲ୍ଲିକ, ସବିତା ପାଣିଗ୍ରାହୀ, ରବିତା ଦାଶ, ଶ୍ରୀୟା ଦାସ, ପ୍ରିୟଙ୍କା ଦାସ, ସୁମିତ୍ରା ପରିଡା, ସସ୍ମିତା ନାଥ, ଭାରତୀ ପାତ୍ର, ରଶ୍ମିବାଳା ପାତ୍ର, ଶୁଭସ୍ମିତା ଦାସ, ବିଳାସିନୀ, ସୁସ୍ମିତା ଶୁକ୍ଳା, ପାର୍ବତୀ ଜେନା, ଦିବ୍ୟା ଭାରତୀ ଜେନା, ଦିବ୍ୟା ଦାଶ, ପଦ୍ମିନୀ ଅଧିକାରୀ, ସଂଗୀତା ଦାସ, ସୁକାନ୍ତି ଦେବ ଗୋସ୍ୱାମୀ, ଜୟନ୍ତୀ, କନକଲତା, ରଶ୍ମି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନକାରୀଙ୍କ ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାରର କଥା କହୁଥିବା କଂଗ୍ରେସ ଦଳ ନିଜ ଦଳର ଜଣେ ସାଂସଦଙ୍କ ବିରୋଧରେ ଏପରି ଗୁରୁତର ଅଭିଯୋଗ ଉଠିଥିବା ବେଳେ ଯଥୋଚିତ ପଦକ୍ଷେପ ନେଇନଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ନୀରବତାକୁ ନେଇ ମଧ୍ୟ ମହିଳା ମୋର୍ଚ୍ଚା ପ୍ରଶ୍ନ ଉଠାଇଥିଲା। ବିକ୍ଷୋଭକାରୀମାନେ କହିଥିଲେ ଯେ, ମହିଳାଙ୍କ ସମ୍ମାନ ଓ ନ୍ୟାୟ କେବଳ ରାଜନୈତିକ ଭାଷଣରେ ସୀମିତ ରହିବା ଉଚିତ ନୁହେଁ। ମହିଳାଙ୍କ ସହ ଜଡ଼ିତ ଗୁରୁତର ଅଭିଯୋଗ ଉଠିଲେ ଦଳୀୟ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ନିରପେକ୍ଷ ତଦନ୍ତ ଓ ଉପଯୁକ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ। ଏଭଳି ଘଟଣାରେ ଦାୟିତ୍ୱବାନ ଆଚରଣ ଓ ଉତ୍ତରଦାୟିତ୍ୱ ହିଁ ମହିଳାଙ୍କ ପ୍ରତି ପ୍ରକୃତ ସମ୍ମାନର ପରିଚୟ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ କଂଗ୍ରେସର କଥିତ ମହିଳା ବିରୋଧୀ ଆଭିମୁଖ୍ୟକୁ ନିନ୍ଦା କରି ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ପ୍ରତିବାଦର ଶେଷରେ ସମ୍ପୃକ୍ତ ସାଂସଦ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରି ମହିଳା ମୋର୍ଚ୍ଚା କର୍ମୀମାନେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ମହିଳାଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ନ୍ୟାୟ ପ୍ରତି ରାଜନୈତିକ ଦଳଗୁଡ଼ିକର ଆଭିମୁଖ୍ୟ ନେଇ ଏହି ପ୍ରତିବାଦ ପୁଣିଥରେ ରାଜନୈତିକ ମହଲରେ ଆଲୋଚନାର ବିଷୟ ହୋଇଛି।

# ନୃତ୍ୟ ସଙ୍ଗୀତ କଳାମନ୍ଦିରର ରତ୍ନଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୨/୧୦ (ନି.ପ୍ର): ନୃତ୍ୟ ସଙ୍ଗୀତ କଳାମନ୍ଦିର ପ୍ରତିଷ୍ଠାର ୭୦ବର୍ଷ ପୂର୍ତ୍ତିରେ ଅନୁଷ୍ଠାନ ପକ୍ଷରୁ ରତ୍ନ ଜୟନ୍ତୀ ଉତ୍ସବ (୧୯୫୬ରୁ ୨୦୨୬) ଆସନ୍ତା ଡିସେମ୍ବର ୧୧, ୧୨ ଓ ୧୩ ତାରିଖ ତିନିଦିନ ବ୍ୟାପୀ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହେବ। ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି କମିଟିର ବୈଠକ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ୩ ଦିନ କାର୍ଯ୍ୟକ୍ରମର ସୂଚନା ସହ ଖର୍ଚ୍ଚ ଅଟକଳ ବୈଠକରେ ଉପସ୍ଥାପିତ କରିଥିଲେ। ବାଲେଶ୍ୱରର ଏହି ବିଦ୍ୟାଳୟରୁ କୃତିତ୍ୱର ସହ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ଗ୍ରହଣ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପୁରାତନ ଛାତ୍ରଛାତ୍ରୀମାନଙ୍କର ଗୋଟିଏ ଦିନ ସମାବେଶ ହେବ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ। ପୁରାତନ ଛାତ୍ରଛାତ୍ରୀ ଏଥିପାଇଁ ଅନୁଷ୍ଠାନର ସଂପାଦକଙ୍କ ସହ ଯୋଗାଯୋଗ କରିବାକୁ ବୈଠକରେ ଅନୁରୋଧ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ, ଶରତ କୁମାର ମହାପାତ୍ରଙ୍କ ସମେତ ହରେନ୍ ଚନ୍ଦ୍ର ରଣା, ଅଶୋକ ଆଶ, ଉତ୍ପଳ ମହାନ୍ତି, ଗୋପାମୁଦ୍ରା ମହାପାତ୍ର, ବ୍ରହ୍ମନାଥ ରଥ, ଗୌରାଙ୍ଗ ପାଣିଗ୍ରାହୀ, ସୁଦୀପ୍ତା ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏହି ତ୍ରିଦିବସୀୟ ରତ୍ନଜୟନ୍ତୀ କିପରି ସଫଳ ହେବ ସେ ସଂପର୍କରେ ମତାମତ ଦେଇଥିଲେ। ବୈଠକରେ କାର୍ଯ୍ୟକ୍ରମର ସଫଳତା ପାଇଁ ସଂସ୍କୃତିପ୍ରେମୀ ବାଲେଶ୍ୱରବାସୀଙ୍କ ସମସ୍ତ ପ୍ରକାର ସହଯୋଗ କାମନା କରାଯାଇଛି। ସ୍ମୃତି ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପୁରୁଣାବଜାର ଥାନା ତରଫରୁ ଜୁଭେଣ୍ଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

## ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ




ଭଦ୍ରକ , ୧୨/୧୦ (ନି.ପ୍ର): ଆର୍ନ୍ତଜାତୀୟ ବାଳିକା ଦିବସ ଅବସରରେ ଭଦ୍ରକ ପୁରୁଣାବଜାର ଥାନା ଓ ଆସିଆନା ସଂଗଠନର ମିଳିତ ଆନୁକୂଲ୍ୟରେ ଜୁଭେଣ୍ଟିକା ଆଉଟ୍‌ରିଚ୍ ସଚେତନତା କାର୍ଯ୍ୟକ୍ରମ ପୁରୁଣା ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ବାଇପାସ୍‌ସ୍ଥିତ ସୋସାଇଟ୍ ଫର୍ ଉଇକର କମ୍ୟୁନିଟ୍ (ଆସିଆନା) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କୁମାର କର, ଆସିଆନାର ସମ୍ପାଦିକା ସୋଫିଆ ସେକ୍ ଯୋଗଦେଇ ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କର ଅଧିକାରର, ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୁହିକ ପ୍ରୟାସ ଜାରି ରଖିବା ପାଇଁ ଆବଶ୍ୟକୀୟ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷର ଜୁଭେଣ୍ଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ହେଉଛି "ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ" । ଏହି କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଲ୍‌ଟର ହୋମ୍‌ର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ । ଆସିଆନାର ସଂଯୋଜକ ରିଆଜ ଅହମଦ୍ ସ୍ୱାଗତ ଭାଷଣ ଦେବା ସଂଗେ ସଂଗେ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସିଇସିଙ୍କ ବିରୋଧରେ...

ସିଇସିଙ୍କ ବିରୋଧରେ...

ଆମ୍ ଆଦ୍‌ମୀ ପାର୍ଟି ଓ ବିଭିନ୍ନ ଆଇନଜୀବୀ ସଂଗଠନ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେପଟେ ରାହୁଲଙ୍କ ଏହି ଆନ୍ଦୋଳନକୁ ବିରୋଧ କରି କଂଗ୍ରେସ ମୁଖ୍ୟାଳୟ ଆଗରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଜୋରଦାର ପାଲଟା ପ୍ରତିବାଦ କରାଯାଇଥିଲା । ଏହି ଘଟଣାକୁ ନେଇ ସମଗ୍ର ରାଜଧାନୀରେ ରାଜନୈତିକ ପାରଦ ଉପରକୁ ଉଠିଛି ଏବଂ ଆଗାମୀ ଅକ୍ଟୋବର ୨୭ରେ ସୁପ୍ରିମକୋର୍ଟଙ୍କ ଶୁଣାଣି ଉପରେ ଏବେ ସାରା ଦେଶର ନଜର ରହିଛି ।

## କଲେଜ ନିର୍ବାଚନକୁ ...

ପରେ ଆଜି କ୍ଲାସରୁମ୍ ଏବଂ ହଷ୍ଟେଲଗୁଡ଼ିକରେ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଭୋଟ୍ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । ଭୋଟରଙ୍କ ମନ ଜିଣିବା ପାଇଁ ପୁସିଂ କାର୍ଡ, ଚକୋଲେଟ୍ ଏବଂ ଆକର୍ଷଣୀୟ ଉପହାର ବଣ୍ଟନ ଚାଲିଛି; ଏପରିକି ଗୁପ୍‌ଚୁପ୍, ଦହିବରା ଓ ବିରିୟାନି ଖୁଆଇ ପ୍ରଭାବିତ କରିବାର ପ୍ରୟାସ ବି ଜାରି ରହିଛି । ସେପଟେ କୃଷ୍ଣପ୍ରସାଦ ଅଞ୍ଚଳରେ ପ୍ରାର୍ଥୀମାନେ ଡଙ୍ଗାରେ ନଦୀ ପାର ହୋଇ ଅନନ୍ୟ ଢଙ୍ଗରେ ପ୍ରଚାର ଚଳାଇଥିବା ଚିତ୍ର ସାମ୍ନାକୁ ଆସିଛି । ତେବେ ଏହି ଉତ୍ସାହ ମଧ୍ୟରେ ଅନେକ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ଓ ନିର୍ବାଚନ ବାତିଲ ପ୍ରସଙ୍ଗକୁ ନେଇ ଉତ୍ତେଜନା ନିୟନ୍ତ୍ରଣ ବାହାରକୁ ଯାଇଛି । ବାଣୀବିହାରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବୋମା ଫୁଟିବା ପରେ ଛାତ୍ର ବିଜେଡି ଓ ଏବିଭିପି ମଧ୍ୟରେ ତୀବ୍ର ଆରୋପ-ପ୍ରତ୍ୟାରୋପ ଦେଖାଦେଇଛି । ମହର୍ଷି କଲେଜରେ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଥିବା ବେଳେ ବାଙ୍କି କଲେଜରେ ବୋମା ବିସ୍ଫୋରଣ ଘଟଣାର ଯାଞ୍ଚ ପାଇଁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚିଛି । ଗୋପ କଲେଜ ନିର୍ବାଚନ ବାତିଲ ହେବାରୁ ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ ଉପ-ଜିଲ୍ଲାପାଳଙ୍କୁ ଘେରାଉ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଆସିକା କଲେଜରେ ମଧ୍ୟ ଛାତ୍ର ବିକ୍ଷୋଭ ଯୋଗୁଁ କଡ଼ା ପୁଲିସ ଫୋର୍ସ ମୁତୟନ କରାଯାଇଛି । ବଢୁଥିବା ଅଶାନ୍ତି ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା କାରଣରୁ ରାଜ୍ୟର ୬ରୁ ଅଧିକ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଇନ୍-ଏ-ଡାଏ ଘୋଷଣା କରି ବନ୍ଦ ରଖାଯାଇଛି । ଅନେକ ଶିକ୍ଷାନୁଷ୍ଠାନରେ ନିର୍ବାଚନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ବାତିଲ କରାଯାଇଥିବା ବେଳେ କେତେକ ସ୍ଥାନରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ମାତ୍ର ବାକି ଥିବା କଲେଜଗୁଡ଼ିକରେ ଆଗାମୀ ଦୁଇ ଦିନ ମଧ୍ୟରେ ହିଂସା ମୁକ୍ତ ତଥା ଶାନ୍ତିପୂର୍ଣ୍ଣ ପରିବେଶରେ ଭୋଟ୍ ଗ୍ରହଣ ସମ୍ପନ୍ନ କରାଇବା ଏବେ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନ ପାଇଁ ସବୁଠାରୁ ବଡ଼ ପରୀକ୍ଷା ପାଲଟିଛି ।

## ପ୍ରଦର୍ଶନ ସ୍ଥଳ ତାଲିକାରୁ ...

ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ହଲଫନାମା ଦାଖଲ କରିବାକୁ କହିଛନ୍ତି। ତେଣୁ ହାଇକୋର୍ଟ ଏହି ମାମଲାରେ କେତେଦୂର ହସ୍ତକ୍ଷେପ କରିପାରିବେ, ତାହା ବିଚାର କରିବାକୁ ପଡ଼ିବ। ଏହାପରେ ମଙ୍ଗଳବାର ଶୁଣାଣି ପାଇଁ ରାଜି ହୋଇଥିଲେ କୋର୍ଟ। ଦିଲ୍ଲୀ ପୋଲିସ କମିଶନର ଅନୁରାଗ କୁମାର ଅକ୍ଟୋବର ୧୧ ତାରିଖରେ ଜାରି କରିଥିବା ସ୍ଥାୟୀ ନିର୍ଦ୍ଦେଶ ଅନୁଯାୟୀ, ଜନ୍ତରମନ୍ତରକୁ ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ସ୍ଥଳ ତାଲିକାରୁ ହଟାଯାଇଛି। ଏହା ବଦଳରେ ରାମଲୀଳା ମୈଦାନ, ବୁରାଡ଼ି ଗ୍ରାଉଣ୍ଡ ଓ ସିବିଡି ଗ୍ରାଉଣ୍ଡକୁ ପ୍ରଦର୍ଶନ ଏବଂ ଧାରଣା ପାଇଁ ନୂଆ ସ୍ଥାନ ଭାବେ ନିର୍ଦ୍ଧାରଣ କରାଯାଇଛି। ବିନୋଦ ଜାଖଡ଼ଙ୍କ ଆବେଦନରେ ଅକ୍ଟୋବର ୧୦ ତାରିଖ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତର ସିସିଟିଭି ଫୁଟେଜ୍ ସୁରକ୍ଷିତ ରଖି ତଦନ୍ତକାରୀ ଦଳକୁ ଦେବାକୁ ଦାବି କରାଯାଇଛି। କନଟ୍ ପ୍ଲେସ୍, ଇନ୍ଦିରା ଚୌକ, ଖଦି ଗ୍ରାମୋଦ୍ୟୋଗ ଭବନ ସମ୍ମୁଖ ରାସ୍ତା, ସଂସଦ ମାର୍ଗ, ଜନପଥ ଓ ଜନ୍ତରମନ୍ତର ରୋଡ୍ ସମେତ ଅନେକ ସ୍ଥାନର କ୍ୟାମେରା ଫୁଟେଜ୍ ଏଥିରେ ସାମିଲ କରିବାକୁ କୁହାଯାଇଛି। ଏହା ସହ ରାଜୀବ ଚୌକ, ଜନପଥ, ପଟେଲ ଚୌକ ଓ ବାରାଖମ୍ବା ରୋଡ୍ ମେଟ୍ରୋ ଷ୍ଟେସନର ସିସିଟିଭି ଫୁଟେଜ୍ ମଧ୍ୟ ସୁରକ୍ଷିତ ରଖିବାକୁ ଆବେଦନରେ ଦାବି ହୋଇଛି। ଏଭଳି ଘଟଣାର ତଦନ୍ତ ନହେଲେ ମତପ୍ରକାଶର ସ୍ୱାଧୀନତା ଏବଂ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହେବାର ମୌଳିକ ଅଧିକାର ପ୍ରଭାବିତ ହେବ ବୋଲି ଆବେଦନରେ ଯୁକ୍ତି ଦର୍ଶାଯାଇଛି। ଏବେ ହାଇକୋର୍ଟଙ୍କ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।

## ପୁରୀର କାୟାକଳ୍ପ ...

ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍ ?ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ଉନ୍ନୟନ କମିଶନର ଡି.କେ ସିଂହ , ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଭିଜିଲାନ୍ସ ଜାଲରେ...

୩ ମହଲା କୋଠା, ଗଞ୍ଜାମ ପି. ନୂଆଗାଁରେ ଆଉ ଦୁଇଟି ବହୁତଳ କୋଠା ଠାବ ହୋଇଛି। ଏହାବାଦ ଏବିଇଓ ଜୟଦେବ ଜେନାଙ୍କ ଘରୁ ମିଳିଛି ପୁଳା ପୁଳା ସୁନାଗହଣା। ଏହା ମଧ୍ୟରେ ସୁନା ଚେନ, ମୁଦି, କାନଫୁଲ ଓ ହୀରାର ହାର ରହିଥିବା ଜଣାପଡ଼ିଛି। ଗୋଟିଏ କାର ଓ ୨ଟି ବାଇକ ମଧ୍ୟ ତାଙ୍କ ଠିକଣାରୁ ମିଳିଛି। ଏବେ ଅଧିକାରୀମାନେ ଠାବ ହୋଇଥିବା ବିଲ୍ଡିଂ, ପ୍ଲଟ ଓ ସୁନା ଅଳଙ୍କାର ପ୍ରକୃତ ମୂଲ୍ୟ ଆକଳନ କରୁଛନ୍ତି। ଏହାପରେ ଆୟ ଠାରୁ ବାବୁ କେବେ ଠୁଳ କରିଥିଲେ, ସେକଥା ସ୍ପଷ୍ଟ ହେବ। ଆଜି ସକାଳୁ ଯାଜପୁର ଧର୍ମଶାଳାର ଏବିଇଓଙ୍କ ଘରେ ଭିଜିଲାନ୍ସ ରେଡ୍ ଆରମ୍ଭ ହୋଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶ୍ରୀ ଜେନାଙ୍କ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ଉ କରିଥିଲେ ଭିଜିଲାନ୍ସ ଟିମ। ଭୁବନେଶ୍ୱର, ଗଞ୍ଜାମ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଏପରି ଚଢ଼ଉ ହୋଇଥିଲା। ଗଞ୍ଜାମ ଜିଲ୍ଲା ବୁରୁଝରିରେ ଥିବା ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ଖଣ୍ଡଗିରି ସ୍ଥିତି ଜନନୀ ବିହାରରେ ଥିବା ସମ୍ପର୍କୀୟଙ୍କ ଘର ସମେତ ଯାଜପୁର ଜାରକାରେ ଥିବା ଭଡ଼ା ଘରେ ଓ ଅଫିସ ଚାମ୍ବରରେ ଭିଜିଲାନ୍ସ ଗୋଟିଏ ସମୟରେ ରେଡ କରିଥିଲା। ରେଡ୍ ବେଳେ ପ୍ରତିକ୍ରିୟା ରଖି ଏବିଇଓ କହିଥିଲେ ଯେ ଏ ସବୁ ସମ୍ପତ୍ତି ତାଙ୍କ ପତ୍ନୀଙ୍କ ନାଁରେ ଅଛି। ବ୍ୟବସାୟିକ ଉତ୍ସରୁ ସେ ଏସବୁ ଆୟ କରିଛନ୍ତି। ଏବେ ପତ୍ନୀଙ୍କ ବ୍ୟବସାୟର ମଧ୍ୟ ଖୋଳତାଡ଼ ହେବାର ସମ୍ଭାବନା ରହିଛି। ୧୯୬୯ ମସିହା ମେ' ୫ରେ ଜନ୍ମ ଗ୍ରହଣ କରିଥିବା ଜୟଦେବ ଜେନା ୧୯୮୭ରେ ପ୍ରଥମଥର ପାଇଁ ସରକାରଙ୍କ ଥଇଥାନ ଜୋନରେ ସହାୟକ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଛତ୍ରପୁରରେ ତାଙ୍କର ପ୍ରଥମ ପୋଷ୍ଟିଂ ହୋଇଥିଲା। ପ୍ରାରମ୍ଭିକ ଭାବେ ସେ ମାସିକ ୧ ହଜାର ଟଙ୍କା ପାଉଥିଲେ। ଦୀର୍ଘ ବର୍ଷ ଧରି ସହାୟକ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ୨୦୧୪ ମସିହାରେ ସେ ପ୍ରଧାନ ଶିକ୍ଷକ ହୋଇଥିଲେ। ଛତ୍ରପୁରରେ ସେ ୩ ବର୍ଷ କାମ କରିବା ପରେ ଗଞ୍ଜାମ ଜିଲ୍ଲାରା କେ ବାରିଡା ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲକୁ ସେହି ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଥିଲେ। ୨୦୨୩ରେ ତାଙ୍କର ବଦଳି ସହାୟକ ବ୍ଲକ ଶିକ୍ଷାଧିକାରୀ ଭାବେ ଗଞ୍ଜାବର ବେଗୁନିଆପଡ଼ାକୁ ହୋଇଥିଲା। ୨୦୨୪ ନଭେମ୍ବର ୩୦ରେ ସେ ଧର୍ମଶାଳା ବ୍ଲକକୁ ଆସିଥିଲେ। ଆଜିର ଭିଜିଲାନ୍ସ ରେଡ ଯାଏ ସେ ସେହି ସ୍ଥାନରେ ରହିଥିଲେ।

## ଅର୍ଥନୀତିରେ ନୋବେଲ...

ରବର୍ଟ ହଲ୍ ଏବଂ ମାଇକେଲ୍ ଉଡଫୋର୍ଡ ଏଭଳି ଅର୍ଥନୈତିକ ମଡେଲ୍ ବିକଶିତ କରିଛନ୍ତି, ଯାହାଦ୍ୱାରା ସରକାର ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଆର୍ଥିକ ସଙ୍କଟ ସମୟରେ ଉପଯୁକ୍ତ ନିଷ୍ପତ୍ତି ନେଇପାରିବେ। ବିଶେଷକରି ସୁଧହାର ପରିବର୍ତ୍ତନ, ସରକାରୀ ବ୍ୟୟ ଏବଂ ମୁଦ୍ରାନୀତି କିପରି ଅର୍ଥନୀତିକୁ ପ୍ରଭାବିତ କରେ, ସେନେଇ ସେମାନଙ୍କ ଗବେଷଣା ନୂଆ ଦିଗ ଦେଖାଇଛି। ଗବେଷଣାରୁ ଜଣାପଡ଼ିଛି ଯେ, ସଠିକ୍ ସମୟରେ ଆର୍ଥିକ ନୀତି ପ୍ରଣୟନ କରାଗଲେ ମାନ୍ଦାବସ୍ଥାର ପ୍ରଭାବ ହ୍ରାସ କରାଯାଇପାରିବ। ଏହାସହ ଅତ୍ୟଧିକ ମୁଦ୍ରାସ୍ଫୀତି ଓ ଅନିୟନ୍ତ୍ରିତ ଆର୍ଥିକ ଅଭିବୃଦ୍ଧିରୁ ସୃଷ୍ଟି ହେଉଥିବା ବିପଦକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଏହି ଗବେଷଣା ବିଶ୍ୱର ବିଭିନ୍ନ କେନ୍ଦ୍ରୀୟ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ ପାଇଁ ବେଶ୍ ଉପଯୋଗୀ ହୋଇଛି। ସୂଚନାଯୋଗ୍ୟ, ଅର୍ଥନୀତିରେ ନୋବେଲ ପୁରସ୍କାର ୧୯୬୮ ମସିହାରେ ସ୍ୱିଡେନର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠା କରାଯାଇଥିଲା। ୧୯୬୯ ମସିହାରେ ପ୍ରଥମଥର ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ଡିସେମ୍ବର ୧୦ ତାରିଖରେ ବିଜେତାମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଏ। ଭାରତ ସହ ମଧ୍ୟ ଏହି ପୁରସ୍କାରର ସ୍ୱତନ୍ତ୍ର ସମ୍ପର୍କ ରହିଛି। ୧୯୯୮ରେ ଅମର୍ତ୍ତ୍ୟ ସେନ୍ ଏବଂ ୨୦୧୯ରେ ଭାରତୀୟ ବଂଶୋଦ୍ଭବ ଅଭିଜିତ ବାନାର୍ଜୀ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିଲେ। ଦାରିଦ୍ର୍ୟ ଦୂରୀକରଣ ଏବଂ ଜନକଲ୍ୟାଣମୂଳକ ଅର୍ଥନୀତି କ୍ଷେତ୍ରରେ ସେମାନଙ୍କ ଅବଦାନ ବିଶ୍ୱବ୍ୟାପୀ ପ୍ରଶଂସିତ ହୋଇଥିଲା। ଏବେ ରବର୍ଟ ହଲ୍ ଏବଂ ମାଇକେଲ୍ ଉଡଫୋର୍ଡଙ୍କ ଗବେଷଣା ଆର୍ଥିକ ସଙ୍କଟ ମୁକାବିଲା ପାଇଁ ନୀତି ନିର୍ଦ୍ଧାରକମାନଙ୍କୁ ଅଧିକ ବୈଜ୍ଞାନିକ ଆଧାର ଯୋଗାଇବ ବୋଲି ଆଶା କରାଯାଉଛି।

ମଙ୍ଗଳବାର, ଅକ୍ଟୋବର ୧୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଦୁଇଟି ଦେଶୀ ବନ୍ଧୁକ ସହ ଶିକାରୀ ଗିରଫ

ନୀଳଗିରି, ୧୨/୧୦ (ନି.ପ୍ର): କୁଲଡିହା ଅଭୟାରଣ୍ୟରେ ଶିକାର ଉଦ୍ଦେଶ୍ୟରେ ପଶିଥିବା ବେଳେ ଜଣେ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି । ଅଭିଯୁକ୍ତ ହେଲେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦାଥାନା ଅଧିନ ଖୁଣ୍ଟାବିଲ ଟାଙ୍ଗିରିଆ ଗ୍ରାମର ବାହାଦୁର ହାଁସଦା (୫୨) । ବନବିଭାଗପକ୍ଷରୁ ମିଳିଥିବାସୂଚନା ଅନୁସାରେ ରବିବାର କୁଲଡିହା ଅଭୟାରଣ୍ୟର ପ୍ରବେଶ ପଥରେ ଡ୍ୟୁଟି ସମୟରେ ବନ କର୍ମଚାରୀ ମାନେ ରାତି ପ୍ରାୟ ୧.୧୫ ମିନିଟ୍ ସମୟରେ ବାହାଦୁର ହାଁସଦାଙ୍କୁ ଧରିଥିଲେ । ଅନ୍ଧାରର ସୁଯୋଗ ନେଇ ଅନ୍ୟ ଅଭିଯୁକ୍ତ ମାନେ ଦୁଇଟି ଦେଶିବନ୍ଧୁକ ଛାଡି ଫେରାର ହୋଇଯାଇଥିଲେ । ଘଟଣାସ୍ଥଳରୁ ୨ ଟି ଦେଶୀ ହସ୍ତ ନିର୍ମିତ ବନ୍ଧୁକ, ସିସା କଟା ଟୁକୁଡା, ଲୁହା ଗୁଳି, କଳା ଓ ହଳଦିଆ ବିସ୍ଫୋରକ ସାମଗ୍ରୀ ଏବଂ ଗୋଟିଏ ପ୍ଲାଷ୍ଟିକବ୍ୟାଗ୍ ଜବତ କରାଯାଇଛି । ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ କୁ କୁଲଡିହା ରେଞ୍ଜ ଅଫିସ, ନୀଳଗିରିକୁ ଅଣାଯାଇଥିଲା । ଏନେଇ କୁଲଡିହା ରେଞ୍ଜରେ ଓ.ଆର. କେସ୍ ନଂ ୧୬ କୁଲଡିହା ୨୦୨୬-୨୭ ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଛି । ଏହି ଚଢ଼ାଉରେ କୁଲଡ଼ିହା ଭାରପ୍ରାପ୍ତ ରେଞ୍ଜଅଧିକାରୀ ସୌମ୍ୟରଞ୍ଜନ ମାଝୀ, ଝରଣାଘାଟି ଫରେଷ୍ଟର ଅଜୟ କୁମାର ଜେନା, ପୁରୁଣାପାଣି ଫରେଷ୍ଟ ଗାର୍ଡ ହିମାଂଶୁ ଶେଖର ପରିହି, କଇମାହୁଡି ଫରେଷ୍ଟ ଗାର୍ଡ ତପନ କୁମାର ଜେନା, ଏ.ପି.ଏସ ଶ୍ରୀ କାଳୀଚରଣ ମାଣିକ ସାମିଲଥିଲେ ।



# କ୍ୟାନସରମୁକ୍ତ ପାଇଁ ଉଦଳା ରୋଟାରୀ କ୍ଲବର ଅଭିନବ ପ୍ରୟାସ

ଉଦଳା , ୧୨/୧୦ (ନି.ପ୍ର): କ୍ୟାନସର ରୋଗ ପାଇଁ କୌଣସି ଔଷଧ ଉଦ୍‌ଭାବନ ହୋଇନଥିବାରୁ, ଏଥିରେ ପିଡ଼ିତ ଲୋକ ମୃତ୍ୟୁମୁଖରେ ପଡ଼ିବା ସୁନିଶ୍ଚିତ ହୋଇଥାଏ । ତେବେ ଏହା ଏପରି ଏକ ରୋଗ ସହଜରେ ଚିହ୍ନଟ ହୋଇପାରିନଥାଏ । ଚିହ୍ନଟ ହେବା ବେଳକୁ ରୋଗୀ ଏତେ ଗୁରୁତର ହୋଇପଡ଼େ ଯେ ଚିକିତ୍ସା ପାଇଁ ସମୟ ମିଳିନଥାଏ । ପ୍ରଥମରୁ ଚିହ୍ନଟ ହୋଇଗଲେ ଡ଼ାକ୍ତର ଚିକିତ୍ସା ପାଇଁ ସମୟ ପାଇଥାନ୍ତି, ରୋଗୀକୁ ବଂଚାଇରଖିବା ପାଇଁ ଉପାୟ ଖୋଜିଥାନ୍ତି । ଏହିଭଳି ପ୍ରଥମରୁ କ୍ୟାନସର ଚିହ୍ନଟ ହୋଇଥିବା ଲୋକ କ୍ୟାନସରରୁ ମୁକ୍ତ ହୋଇ ଏବେ ବଂଚି ରହିଥିବାର ଅନେକ ଗୁଡ଼ିଏ ଦୃଷ୍ଟାନ୍ତ ଆମ ଆଗରେ ରହିଛି ।



କ୍ୟାନସର ରୋଗର ସଚେତନତା, ଚିହ୍ନଟ ପାଇଁ ପରୀକ୍ଷା ଓ ପ୍ରତିରୋଧର ବ୍ୟବସ୍ଥା ସକାଶେ ଆସନ୍ତା ୧୫ ନଭେମ୍ବର - ୨୦୧୬ ରବିବାର ଦିନ ରୋଟାରୀ କ୍ଲବ ତରଫରୁ ଉଦଳା ମହାବିଦ୍ୟାଳୟ ପରିସରରେ ଏକ ଶିବିର ଆୟୋଜନ କରାଯାଇଛି । ଭୁବନେଶ୍ୱରସ୍ଥିତ ବାଗଚି ଶ୍ରୀଶଙ୍କର କ୍ୟାନସର ସେଂଟର ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏହି ଶିବିର ପରିଚାଳନାରେ ସହଯୋଗ କରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ କୌଣସି ପଇସା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ସବୁକିଛି ପରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କୁହାଯାଇଛି । ତେବେ ଏହାର ସୁଯୋଗ ନେଇ ନିଜକୁ ପରୀକ୍ଷା କରାଇ ନେବା ପାଇଁ ଉଦଳା ରୋଟାରୀ କ୍ଲବର ପ୍ରତିଷ୍ଠାତା ଇଂ ସୁବାଷ ଚନ୍ଦ୍ର ପଣ୍ଡା ଓ ହରେନ ପଟ୍ଟନାୟକ ଅନୁରୋଧ ଜଣାଇଛନ୍ତି । ଏ ସମ୍ପର୍କରେ ଅଧିକ କିଛି ଜାଣିବା ପାଇଁ ଚାହିଁଲେ ମୋବାଇଲ ନଂ- ୯୮୬୧୯୨୮୯୯୩/ ୭୦୭୭୭୦୨୭୨୮ କିମ୍ବା ୭୩୮୧୦୬୭୯୩୬ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି । ତେବେ ଏହି ଶିବିର ଆୟୋଜନ ପାଇଁ ଉଦଳା ରୋଟାରୀ କ୍ଲବର ସଭାପତି ଅଜୟ ବେହେରା, ସମ୍ପାଦିକା ରାଜଲକ୍ଷ୍ମୀ ମହାନ୍ତିଙ୍କ ସହିତ ଅଶୋକ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ନାୟକ, ଦୁଳମଣି ପୁହାଣ ପ୍ରମୁଖ ପ୍ରସ୍ତୁତି ପର୍ବରେ ଲାଗିଛନ୍ତି ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଉଷ୍ମ ହେଲାଣି କଲେଜ କ୍ୟାମ୍ପସ: ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାରର ରଣନୀତି ଆପଣେଇଲେଣି ଛାତ୍ରନେତା

ବାଲିଆପାଳ , ୧୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଦେଭୋଗ ସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଓ ଜଗାଇ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଅକ୍ଟୋବର ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ କେମ୍ପସ ରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଛି । ମୈଦାନରେ ଥିବା ତିନି ଦଳର ପ୍ରାର୍ଥୀମାନେ ଛାତ୍ର ଛାତ୍ରୀ ମାନଙ୍କୁ ଧରି ଜୋରଦାର ପ୍ରଚାରରେ ଲାଗିଛନ୍ତି । ନିଜ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ପ୍ରାର୍ଥୀ ମାନେ କଲେଜରେ ବିଭିନ୍ନ ମୁଦା ନେଇ ପ୍ରଚାରକୁ ଗୁରୁତ୍ୱ ଦେଉଛନ୍ତି । ବିଭିନ୍ନ ରାଜନୈତିକ ଦଳର ପୂର୍ବତନ ଛାତ୍ର ନେତା ବାହାରେ ରହି ନିଜ ନିଜର ସମର୍ଥିତ ପ୍ରାର୍ଥୀ ମାନଙ୍କ ସହିତ ରାଜନୈତିକ ଗୁଟି ଚାଳନା କରିଥିବାର ଦେଖିବାକୁ ମିଳିଛି । ପ୍ରାର୍ଥୀ ମାନଙ୍କର ପ୍ରଚାରରେ ମୁଖ୍ୟ ଅସ୍ତ୍ର ଭାବରେ ସୋସିଆଲ ମିଡିଆ ପ୍ରମୁଖ ମାଧ୍ୟମ ହେଉଥିବା ବେଳେ, ଛାତ୍ରୀ ଛାତ୍ରୀ ମାନଙ୍କ ଘରକୁ ଘର ଏବଂ ହଷ୍ଟେଲକୁ ଯାଇ ପିଲାଙ୍କୁ ଭେଟି ତାଙ୍କ ସପକ୍ଷରେ ଭୋଟ ଦେବାକୁ କହୁଛନ୍ତି । ବିଶେଷ କରି କଲେଜର ବିକାଶ ଉପରେ ଧ୍ୟାନ ଦେବାର ମୁଖ୍ୟ ମୁଦା ରଖିଥିବା କଲେଜର ଲାଇବ୍ରେରୀ,ଷ୍ଟଡି ରୁମ, ଶୌଚାଳୟ, ଶୁଦ୍ଧ ପାନୀୟ ଜଳ ଉପରେ ଗୁରୁତ୍ୱ ଦେଉଛନ୍ତି ପ୍ରାର୍ଥୀ ମାନେ । ଅନ୍ୟ ପଟରେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଛି । କଲେଜ ଷ୍ଟାପ ମାନଙ୍କ ଦ୍ୱାରା ଗ୍ରୁପ କରାଯାଇଛି । କଲେଜ କର୍ତ୍ତୃପକ୍ଷ, ସ୍ଥାନୀୟ ଆଇଆଇସି, ବିଡିଓ, ତହସିଲଦାରଙ୍କୁ ବୈଠକ ଅନୁଷ୍ଠିତ ହେଉଛି । ଏପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ରହିଛି । ଅଣ ଛାତ୍ର ମାନଙ୍କ ପ୍ରବେଶକୁ ସୁବର୍ଣ୍ଣ ରେଖା କଲେଜର ଅଧ୍ୟକ୍ଷା ତ୍ରୀବେଣି ଧଡା ଏବଂ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ପ୍ରଧ୍ୟାପକ ରତିକାନ୍ତ ବେହେରା ବାରଣ କରିଛନ୍ତି ।



# ବାସୁଦେବପୁର ବ୍ଲକର ବରଣ୍ଡୁଆ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ଭଦ୍ରକ, ୧୨/୧୦ (ନି.ପ୍ର): ବାସୁଦେବପୁର ବ୍ଲକର ବରଣ୍ଡୁଆ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଇଯାଇଛି । ହି ଶୁଣାଣିରେ ମୋଟ ୩୮୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୩୪୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୪୬ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୩୬ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉଜଉଇ, ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ ଓ ବାସୁଦେବପୁର କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା ସୁଧାଂଶୁ ମୋହନ ସ୍ୱାଇଁ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୫ ଜଣଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କଲା କଂଗ୍ରେସ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ୫ ଜଣଙ୍କ ଉପରୁ ଅତୀତରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି । ସେମାନଙ୍କ ମଧ୍ୟରୁ ୪ ଜଣ କନ୍ଧମାଳ ଜିଲ୍ଲାର ହୋଇଥିବା ବେଳେ ଜଣେ ଗଞ୍ଜାମ ଜିଲ୍ଲା (ପଶ୍ଚିମ)ର । ଫୁଲବାଣୀ ମୁନିସିପାଲଟିର ବଳେଦବ ବେହେରା , ସେକ ଅବଦୁଲ ସକୀର ଓ ଶିବଶଙ୍କର ବେହେରା ଏବଂ ଖଜୁରୀପଡ଼ା ବ୍ଲକର ଗୌରଚରଣ ବେହେରାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଛି । ସେହିପରି ଗଞ୍ଜାମ ଜିଲ୍ଲା (ପଶ୍ଚିମ ଭଞ୍ଜନଗରର ବବି ଅନନ୍ତ ନାଗ ରଥଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଛି । ଓଡ଼ିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସୁଜୀତ୍ କୁମାର ପାଢ଼ୀ ଏହି ସୂଚନା ଦେଇଛନ୍ତି ।

# ବୈଶିଙ୍ଗାଠାରେ ବୃହତ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉ

ବୈଶିଙ୍ଗା , ୧୨/୧୦ (ନି.ପ୍ର): ରାଜ୍ୟ ସରକାର ଇତି ମଧ୍ୟରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବା ପାଇଁ ଯୋଜନା କରିଥିବା ଖବର ବେଶ୍ ରୋଚକ ହୋଇଛି । କାରଣ ଦୀର୍ଘ ଦିନ ଧରି ଏହି ଶୀତଳ ଭଣ୍ଡାର ଆବଶ୍ୟକତାକୁ ପୂରଣ କରିବା ପାଇଁ ପୂର୍ବ ସରକାର ୨୪ ବର୍ଷ ଶାସନ କରିବା ପରେ ମଧ୍ୟ ଖାଲି ପ୍ରତିଶୃତି ରେ ରହିଗଲା । ନୂଆ ବିଜେପି ସରକାର ଅଢେଇ ବର୍ଷ ଶାସନରେ ରହିଥିଲେ ମଧ୍ୟ କେମିତି ସବୁ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯିବ ତାର ହିସାବ ପାଉନାହିଁ କିମ୍ବା କରିବାର ଇଛା ମଧ୍ୟ ନ ଥିବାର ଜଣାପଡେ । ବୈଶିଙ୍ଗା ନିକଟସ୍ଥ ବୁଢା ବଳଙ୍ଗ ନଦୀ ଅବବାହିକାରେ ଗଣ୍ଡର୍ଦ୍ଧା, କାକରାପାଳ, ଶଙ୍କରପୁର, ପତୁକା, ନାଖିରା, ପାଟଳିପୁରା, ଖଣ୍ଡଦେଉଳା, ସୋରିଷକୋଠା, ଶାଳ ଗାଁ ଆଦି ଗ୍ରାମ ମାନଙ୍କରେ ରବି ଋତୁରେ ପ୍ରଚୁର ପରିମାଣରେ ପରିବା ଚାଷ କରାଯାଇଥାଏ, ଏହି ପନି ପରିବା ସାଧାରଣତଃ ବର୍ତ୍ତମାନ ସମୟରେ ଯେଉଁ ପରିବା କିଗ୍ରା ପ୍ରତି ଅଶୀ ଟଙ୍କା ବିକ୍ରୀ ହେଉଛି ତାହା ରବି ଋତୁରେ ଦଶ ଟଙ୍କାରେ ବିକ୍ରୀ ହୋଇଥାଏ । ଏପରିକି ବିକ୍ରୀ ହୋଇ ନ ପାରିଲେ ଚାଷୀ ମାନେ କୁଇଣ୍ଟାଲ କୁଇଣ୍ଟାଲ ପନି ପରିବା ନଷ୍ଟ କରି ଦିଅନ୍ତି । ଏ ସବୁ କୁ ସଂରକ୍ଷଣ କରି ରଖିବା ପାଇଁ ଶୀତଳ ଭଣ୍ଡାର ଟିଏ ଥିଲେ ଚାଷୀ ଉପକୃତ ହୋଇପାରନନ୍ତେ । ଏଥି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ବିଭିନ୍ନ ଖବର କାଗଜରେ ଏହି ଖବର ପୃଷ୍ଠା ମଣ୍ଡନ କରିଛି ସତ ମାତ୍ର ସରକାର କିମ୍ବା କୃଷି ବିଭାଗ ଅଧିକାରୀଙ୍କ ଦୃଷ୍ଟିରେ ପଡିନାହିଁ । ନିର୍ବାଚିତ ପ୍ରତିନିଧିଙ୍କ କଥା ନ କହିବା ଭଲ କାରଣ ସେମାନେ ନିଜ ସ୍ୱାର୍ଥ ପାଇଁ ଯେଉଁଠି ଅଧିକ ପିସି ମିଳିବ ସେ ପାଇଁ ଆଗଭର ହେବା ବ୍ୟତୀତ କିଛି ଚିନ୍ତା କରନ୍ତି ନାହିଁ । ମାତ୍ର ଭୋଟ ବେଳ ଆସିଲେ ପ୍ରତିଶ୍ରୁତିରେ ପୋତି ପକାନ୍ତି । ତାପରେ ସେ ଅଞ୍ଚଳକୁ ଆଉ ଆସନ୍ତି ନାହିଁ । ତେବେ ମୋହନ ସରକାର କେତେ ଯତ୍ନବାନ୍ ହେଇଛନ୍ତି ଦେଖିବାକୁ ବାକି ରହିଲା ।



# ଇଂରାଜୀ ପିଜିଟି ଶିକ୍ଷକଙ୍କ ପାଇଁ ପାଂଚ ଦିନିଆ ତାଲିମ୍ କର୍ମଶାଳାର ଆୟୋଜିତ

ଭୁବନେଶ୍ୱର, ୧୨/୧୦ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ତାଲିମ୍ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ପ୍ରାୟ ୧୧୨ ଜଣ ଇଂରାଜୀ ବିଷୟର ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଶ୍ରୀମତୀ ସ୍ୱିପ୍ନା ମିଶ୍ର, ଓସେପା ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ହିମାଂଶୁ ଭୂଷଣ ସମର୍ଥ, ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଶ୍ରୀମତୀ ସି. ଏଚ୍. ବିଜୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ କବାଡି ଖେଳାଳି ସୁଜିତ ନାୟକଙ୍କ ସଫଳତା

ବାସୁଦେବପୁର, ୧୨/୧୦ (ନି.ପ୍ର): ଜାତୀୟ ସ୍ତରରେ କବାଡି ଖେଳି ଖୁବ୍ ସଫଳତା ହାସଲ କରିବା ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଲାଭ କରିଛନ୍ତି ସୁଜିତ ନାୟକ । ୧୯୯୫ ମସିହାରେ ସେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତା ରବିନ୍ଦ୍ର ନାୟକ ଓ ମାତା ରୀନା ନାୟକ । ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ବେତଡାରେ ଶ୍ରୀ ନାୟକ ପାଠ ପଢୁଥିଲେ । ଶ୍ରୀ ନାୟକ ବର୍ତ୍ତମାନ ସ୍ପୋର୍ଟସ ଇନ୍ସପେକସନ୍ ଅଫିସର୍ ଭାବେ କର୍ଣାଟକ୍ ରାଜ୍ୟରେ କାର୍ଯ୍ୟ କରୁଛନ୍ତି । ଫିଜିକାଲ୍ ଏଯୁକେଶନ ଟିଚର ଭାବରେ ଏବଂ ଜାତୀୟ



ସ୍ତରୀୟ କବାଡି ଖେଳାଳି ଭାବରେ ଶ୍ରୀ ଅନେକ ସୁନାମ ଅର୍ଜନ କରିଛନ୍ତି । ସେ କରାଟେ ଖେଳ ଶିଖିଛନ୍ତି ଓ ସେ ଜଣେ ଏମ୍ ଏମ୍ ଇ ଫାଇଟର । ବାଲେଶ୍ୱର ଜିଲ୍ଲାର ସିମୁଳିଆ ବ୍ଲକ ଅନ୍ତର୍ଗତ ଚାଲୁଣିଗାଁ ପଞ୍ଚାୟତର ମାଳି ବ୍ରହ୍ମପୁର ଗ୍ରାମରେ ଶ୍ରୀ ନାୟକ ଜନ୍ମ ଲାଭ କରିଛନ୍ତି । ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ ସେ ଯୁକ୍ତ ଦୁଇ ଡ୍ରାମାଟିକ୍ ସେକ୍ରେଟାରୀ ଥିଲେ । ଯୁକ୍ତ ତିନିରେ ସେ ଉପ ସଭାପତି ଥିଲେ ବିଜୁ ଛାତ୍ର ଜନତା ଦଳରେ । ଜଣେ ଭଲ ଆଦର୍ଶ ମଣିଷ ଓ ସମାଜ ସେବୀ ତଥା ଭଲ ଖେଳାଳି ହୋଇ ଦେଶ ସେବା କରିବି ବୋଲି ଶ୍ରୀ ସୁଜିତ ନାୟକ ଭବିଷ୍ୟତ ଲକ୍ଷ୍ୟ ରଖିଛନ୍ତି । ଈଶ୍ୱରଙ୍କ କୃପାରୁ ଅନେକ ଅନୁଷ୍ଠାନରୁ ଓ ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ସେ ପୁରସ୍କାର ପାଇ ଥିବାରୁ ତାଙ୍କୁ ବିଶିଷ୍ଟ ବ୍ୟକ୍ତି ମାନେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ସୋର କଲେଜ ଛାତ୍ର ସଙ୍ଘ ନିର୍ବାଚନରେ ସ୍ୱୟଂଶ୍ରୀ ଚର୍ଚ୍ଚାରେ

ସୋର, ୧୨/୧୦ (ନି.ପ୍ର): ଏଥର ଉପେନ୍ଦ୍ରନାଥ ମହା ବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚନ ଖୁବ୍ ରୋଚକ ସ୍ଥିତିରେ ପହଞ୍ଚିଛି । ବାଲେଶ୍ୱର ଜିଲ୍ଲାରେ ଫକୀର ମୋହନ କଲେଜ ପରେ ସୋର ହିଁ ସବୁଠାରୁ ପୁରୁଣା ଓ ବଡ କଲେଜ । ୬୨ ବର୍ଷ ହେଲା ଏ କଲେଜ ସୋରରେ ହେଲାଣି ଅଥଚ ଯେତିକି ପ୍ରସିଦ୍ଧି ପାଇବା କଥା ଏ କଲେଜ ତା'ର ଉଚିତି ଉଚ୍ଚତା ପାଇପାରି ନାହିଁ । ଏଥର ଛାତ୍ରସଙ୍ଘ ନିର୍ବାଚନରେ ଏହା ହିଁ ଛାତ୍ରସଂଘର ସାଧାରଣ ସଂପାଦକ ପ୍ରାର୍ଥୀ ତଥା ତୃତୀୟ ବର୍ଷ ଇତିହାସ ଅନର୍ସର ଛାତ୍ରୀ ସ୍ୱୟଂଶ୍ରୀ ସାହୁଙ୍କର ମୁଖ୍ୟ ପ୍ରସଙ୍ଗ । ସୋର କଲେଜର ନିର୍ବାଚନ ଉଷ୍ମତାରେ ସ୍ୱୟଂଶ୍ରୀଙ୍କର ହାଇପ୍ରୋଫାଇଲ ବ୍ୟକ୍ତିତ୍ୱ ଏବଂ ଭାଷଣ ତାକୁ ଅନ୍ୟ ସମସ୍ତଙ୍କ ଠାରୁ



ଆଗରେ ରଖିଛି । ସବୁ ପଦ ପାଇଁ ହେଉଥିବା ବହୁକୋଣୀୟ ପ୍ରତିଯୋଗିତାରେ ସାଧାରଣ ସଂପାଦକ ପଦ ପାଇଁ ସ୍ୱୟଂଶ୍ରୀଙ୍କ ପ୍ରତିଯୋଗିତା ନିର୍ବାଚନକୁ ଖୁବ୍ ରୋଚକ କରିଦେଉଛି । ସ୍ୱୟଂଶ୍ରୀ ତାଙ୍କ ଟିମର ଅନ୍ୟାନ୍ୟ ପ୍ରାର୍ଥୀମାନଙ୍କୁ ଧରି ହଷ୍ଟେଲ ଓ ମେସ ସବୁ ବୁଲିବା ସହିତ ଘରଘର ବୁଲି ମଧ୍ୟ ପ୍ରଚାର କରୁଛନ୍ତି । ସ୍ୱୟଂଶ୍ରୀର ଭାଷଣ ଶୁଣିବା ପାଇଁ ପିଲାମାନଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ । ସବୁ ଛାତ୍ର ସଂଗଠନ ଏଠାରେ ପ୍ରତିଯୋଗିତା କରୁଥିବା ବେଳେ ଏବିଭିପିର ଟିମ୍ ସ୍ୱୟଂଶ୍ରୀ କାରଣରୁ ଖୁବ ଆଗରେ ଅଛି । ୧୫୦୦ ଉପରେ ଛାତ୍ରଛାତ୍ରୀ ଥିବା ଉପେନ୍ଦ୍ରନାଥ କଲେଜରେ ଏ ବର୍ଷର ଛାତ୍ର ସଂଘ ନିର୍ବାଚନ ଏ ଅଞ୍ଚଳ ପାଇଁ ଏକ ମୁଖ୍ୟ ଚର୍ଚ୍ଚାର ବିଷୟ । ନିର୍ବାଚନ କୁ ଆଉ ମାତ୍ର ଚାରିଦିନ ବାକିଥିବା ବେଳେ ଆଠ ବର୍ଷ ପରେ ହେଉଥିବା ଛାତ୍ରସଂଘ ନିର୍ବାଚନ ପାଇଁ କଲେଜରେ ଖୁବ୍ ଉତ୍ସାହର ବାତାବରଣ । କଲେଜ ପ୍ରଶାସନ ଖୁବ ସତର୍କତାର ସହିତ କଲେଜ ନିର୍ବାଚନକୁ ପରିଚାଳନା କରିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବା ସହିତ ଜିଲ୍ଲା ପ୍ରଶାସନର ମଧ୍ୟ ସହଯୋଗ କାମନା କରିଛନ୍ତି ।

# ମୟୁରଭଞ୍ଜ ସାମ୍ବାଦିକ ମିଳିତ ମହାମଞ୍ଚ ତରଫରୁ ଗଣ ଧାରଣା

## ସାମ୍ବାଦିକଙ୍କ ସ୍ୱାଭିମାନ କଲ୍ୟାଣ ଓ ସୁରକ୍ଷା ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକଜୁଟ ହେଲେ ୭ଟି ସଙ୍ଘର ଶହଶହ ସାମ୍ବାଦିକ

ବାରିପଦା , ୧୨/୧୦ (ନି.ପ୍ର): ସାମ୍ବାଦିକମାନଙ୍କ ସ୍ୱାଭିମାନ, ସ୍ୱାର୍ଥ ଓ ସୁରକ୍ଷା ଦାବି ନେଇ ଆଜି ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ମିଳିତ ମହାମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜିଲ୍ଲାର ୪ଟି ଉପଖଣ୍ଡ ଓ ୨୬ଟି ବ୍ଲକରୁ ଶହ ଶହ ସାମ୍ବାଦିକ ଯୋଗଦେଇ ପ୍ରଶାସନ ବିରୋଧରେ ବିଷଦାଗାର ବଖାଣିଛନ୍ତି । ମହାମଞ୍ଚରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ), ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ), କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ଏବଂ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ଭଳି ପ୍ରମୁଖ ସାମ୍ବାଦିକ ସଂଗଠନର ସାମ୍ବାଦିକ ମାନେ ସାମିଲ ହୋଇ ସାମ୍ବାଦିକଙ୍କ ପ୍ରତି ଅବହେଳା




ସମ୍ପର୍କରେ ଚିନ୍ତା ପ୍ରକଟ କରିବା ସହିତ ଆଗାମୀ ଦିନରେ ସାମ୍ବାଦିକ ମାନେ ଦୃଢ ଜବାବ ଦେବେ ବୋଲି କହିଛନ୍ତି । ସାମ୍ବାଦିକମାନଙ୍କ ମର୍ଯ୍ୟାଦା, ସୁରକ୍ଷା ଏବଂ ସାମୂହିକ ସ୍ୱାର୍ଥରକ୍ଷା ଦିଗରେ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ସମସ୍ତେ ସର୍ବ ସମ୍ମତି ନିଷ୍ପତ୍ତି ନେଇଛନ୍ତି । ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଧାରଣାରେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଅରୁଣ କୁମାର ଓତା, ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଓଡିଶା ସାମ୍ବାଦିକ ସଙ୍ଘ (ଓଜେୟୁ)ର ଜିଲ୍ଲା ସଭାପତି ଅଭିଜିତ ମହାନ୍ତି, ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ର ଦୋଳ ଗୋବିନ୍ଦ ବାରିକ, ରାଜ୍ୟ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତା ପ୍ରୟାଗ ରାଜକର, ଓଡିଶା ଡିଜିଟାଲ ମିଡ଼ିଆ ମହାସଙ୍ଘର ଶିବାଦିତ୍ୟ ପଣ୍ଡା, ସାମ୍ବାଦିକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ନିହାର ରଞ୍ଜନ ବେହେରା, ସନ୍ତୋଷ କୁମାର ବାଛିନି, ମଳୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦଳେଇ, କ୍ଷୀରୋଦ ଚନ୍ଦ୍ର ଦାସ, ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ନିଜନିଜ ବକ୍ତବ୍ୟ ରେ ଆଜିର ଦିନରେ ସାରା ଭାରତ ବର୍ଷରେ ସାମ୍ବାଦିକ ମାନଙ୍କର ମର୍ଯ୍ୟାଦା, କଲ୍ୟାଣ ଏବଂ ସୁରକ୍ଷା କ୍ଷୁର୍ଣ୍ଣ ହୋଇଥିବା ବେଳେ, ମୟୁରଭଞ୍ଜ ଜିଲ୍ଲାରେ ସାମ୍ବାଦିକ ମାନଙ୍କ ପ୍ରତି ପ୍ରଶାସନିକ ଅଣଦେଖା ସହ ଆକ୍ରମଣ ଘଟଣା ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ସାମ୍ବାଦିକ ମାନେ ସମ୍ମିଳିତ ଭାବରେ ବ୍ୟବସ୍ଥା ବିରୋଧରେ ଲଢ଼ି ନିଜର ନ୍ୟାର୍ଯ୍ୟ ଅଧିକାର ହାସଲ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ସଂଗଠନଗତ ମତଭେଦରୁ ଊର୍ଦ୍ଧ୍ୱରେ ରହି ଜିଲ୍ଲାର ସମସ୍ତ ସାମ୍ବାଦିକ ଏହି ଆନ୍ଦୋଳନରେ ସାମିଲ ହୋଇଥିବାରୁ ମହାମଞ୍ଚ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗକୁ ମହାମଞ୍ଚ ସାମ୍ବାଦିକଙ୍କ ଏକତା ଓ ଅଧିକାର ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ତେବେ ଆଜିର ଏହି ସାମ୍ବାଦିକ ମିଳିତ ମଞ୍ଚ ଧାରଣାକୁ ସ୍ୱେଚ୍ଛାକୃତ ଭାବରେ ବିଭିନ୍ନ ରାଜନୈତିକ, ସାମାଜିକ ସଂଗଠନ ପକ୍ଷରୁ ନିସର୍ତ୍ତ ସମର୍ଥନ ଘୋଷଣା କରିଥିବାର ଦେଖିବାକୁ ମିଳିଥିଲା । ଧାରଣା ଶେଷରେ ଜିଲ୍ଲା ରେ ସାମ୍ବାଦିକ ମାନଙ୍କର ସମସ୍ୟା ନେଇ ଜିଲ୍ଲା ପାଳ ଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ପାଳ ଈଶ୍ୱର ଚନ୍ଦ୍ର ନାୟକ ଙ୍କୁ ଏକ ସବିପତ୍ର ପ୍ରଦାନ କରାଯାଇଥିଲା ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida